

ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ଜଣ ଲୋକଙ୍କୁ ସମର୍ପି ଦେଇଥିଲା। ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି। ପୀଡିତା ନିବାଡା ଗାଁରେ ରୁହନ୍ତି। ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା। କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ



ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ। ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ। ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ। ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି। ଏମାନେ ଗାଜିଆବାଦର ବାସିନ୍ଦା। ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ନ ଥିଲା। ନିଜ ଦେଢ଼ଶୂର, ନଣଦେଇ ଓ ଶଶୂର ମଧ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ମହିଳା ▶ପୃଷ୍ଠା-୭

# ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'। ଏଥିପାଇଁ ଆନ୍ଧ୍ର ସରକାର ସରଲା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି। ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ। କମ୍ପାନୀ

## ୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ



ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି। ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ। ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ ▶ପୃଷ୍ଠା-୭

# ଏସ୍‌ସିବିରେ ଲଜ୍ଜା

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ



■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି। ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି। ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ। ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା।

## ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା। ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ସାଲାଇନ୍ ସରିଯାଇଥିବାରୁ ସାଲାଇନ୍‌ବୋତଲକାଢ଼ିସେତଲେରଖିଥିଲା। ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା। ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ। ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା। ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା। ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା। ଡାକ୍ତରଙ୍କ ସୁପାରିସ କ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ଏତଲା ଦେଇଥିଲେ। ଏହାପରେ ▶ପୃଷ୍ଠା-୭

## ଅସନ୍ତୋଷ ଚାପିବାକୁ ୨୦୦ରୁ ଅଧିକ ସାମଗ୍ରୀରୁ ହଟିଲା ଶୁଳ୍କ

# ମହଙ୍ଗା ମାଡ଼ ପରେ ଆଣ୍ଠେଇଲେ ଟ୍ରମ୍ପ

■ ୱାଶିଂଟନ୍, ୧୮ ।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି। ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବା ।।ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଜିଦଖୋର ନୀତି ଯୋଗୁଁ ଦେଶବାସୀ ଗୁରୁତର ସାମଗ୍ରୀ ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ଦେଶ ଭିତରେ ଅସନ୍ତୋଷ ତୀବ୍ର ହେବାକୁ ଲାଗିବାରୁ ଟ୍ରମ୍ପ ତାଙ୍କର ବାଣିଜ୍ୟ ନୀତିରେ ପରିବର୍ତ୍ତନ ପାଇଁ ବାଧ ହୋଇଛନ୍ତି। ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ



ଉଠାଇ ଦେଇଛି। ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ।

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇଟ୍ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରୁ କାର୍ଯ୍ୟକାରୀ ହୋଇଛି। ୨୦୨୫ ଆର୍ଥିକ ବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ଥିଲା ୨୨,୦୦୦ କୋଟି ଟଙ୍କା। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ। ଭାରତ ଏବଂ ଆମେରିକା

## ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍

ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି। ତେବେ ଟ୍ରମ୍ପ୍ ସେହି ସାମଗ୍ରୀ ଉପରୁ ଶୁଳ୍କ ହଟାଇଛନ୍ତି ଯାହାର ଉତ୍ପାଦନ ଆମେରିକାରେ କମ୍ ରହିଛି।

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮ ।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍। କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ। ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା। ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

# ସାଲିଆସାହିରେ ବୁଲିଲା ବୁଲ୍‌ଡୋଜର

■ ଭୁବନେଶ୍ୱର, ୧୮ ।୧୧ (ସମିସ): ରାଜଧାନୀର ପ୍ରମୁଖ ବସ୍ତି ସାଲିଆସାହିରେ ମଙ୍ଗଳବାର ବୁଲିଛି ବୁଲଡୋଜର। ଏକାମ୍ରକାନନରୁ ଅନ୍ଧାରୁଆ ୧୩ କିଲୋମିଟର ନୂତନ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାୟକ୍ରମେ ପ୍ରାୟ ୫୨୧ଘର ଉଚ୍ଛେଦ କରାଯିବାକୁ ଥିବା ବେଳେ ଆଜି କିଛି ଘରକୁ ଭାଙ୍ଗିଦିଆଯାଇଛି। ପ୍ରବଳ ଶୀତବେଳେ ବିନା ଥଇଥାନରେ ଉଚ୍ଛେଦକୁ ବିରୋଧ କରି ବସ୍ତିବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ପୁଲିସ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି ଏବଂ ଖଣ୍ଡଯୁଦ୍ଧ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଘର ଭାଙ୍ଗିବା ପରେ କେଉଁଆଡ଼େ ଯିବୁ, ଛୋଟ ଛୋଟ ପିଲାଙ୍କୁ ନେଇ ଶୀତ ରାତିରେ କିଭଳି ବଞ୍ଚିବୁ ବୋଲି ସେମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏପରିକି ଘର ଭଙ୍ଗା ବେଳେ କିଛି ଲୋକ ▶ପୃଷ୍ଠା-୭



**ବସ୍ତିବାସିନ୍ଦାଙ୍କ ତୀବ୍ର ବିରୋଧ, ବୁଲଡୋଜର ଆଗରେ ଧାରଣା**

**୬୦୦ ବର୍ଗଫୁଟ ଜମି ଦେବାକୁ କହିଥିଲେ, ଏବେ ଠକିଦେଲେ**



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

# କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮ ।୧୧ (ସମିସ): ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମାର ଖେଳ ଶେଷ ହୋଇଛି। ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି। ଖାଲି ହିଡ୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛନ୍ତି। ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ▶ପୃଷ୍ଠା-୭

# ଅକାଠୁଆ ଶୀତ



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ। ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି। ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି। ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ▶ପୃଷ୍ଠା-୭



Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. #Limited period offer, T&C apply. $Offer subject to approval of valid documents. *Ex-showroom prices are applicable in Odisha.
Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, Jatni: Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: Jagannath Motors - 7064309702, Chandpur: Apsara - 9861418161, Banamalipur: Duladei Motors - 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778.
RS/Hero/11/25

# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ


ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କିଛି ଅଜଣା ବନ୍ଧୁକଧାରୀ ଅସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି । ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ । ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସିପାଲ୍ ଓ ଜଣେ ଗାର୍ଡଙ୍କୁ ହତ୍ୟା କରି ବାଳିକା ଛାତ୍ରବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି । ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି । ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି । ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡ଼ିକରୁ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଇଛି । ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ । ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି । କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ଦେଖାଯାଇଛି ।

## ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି । ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି । ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ ଆରମ୍ଭ କରିଥିଲା । ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା । ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚ କରିଥିଲେ । ସୂଚନା ଅନୁଯାୟୀ, ଏନ୍‌ଆଇଏ ଆଜି ପଟିଆଲ ହାଉସ କୋର୍ଟରେ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା । ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା । ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା । ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲା । ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ କରିଥିଲା । କିନ୍ତୁ ଯାଞ୍ଚ ପରେ କିଛି ମିଳି ନ ଥିଲା । ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି ।



# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି । ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବ । ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି । ଗତ କିଛି ମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା'ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା । ଏହି ସୁବିଧା କେବଳ ପର୍ଯ୍ୟଟନ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇଦେବା ନାମରେ ଇରାନ ଡକାଇଥିଲେ । ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ । ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି । ଏବେ ଇରାନ ଯାଉଥିବା ଭାରତୀୟଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି । ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି ।

# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି । ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି । ଆଇସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି । ଏଥିସହ ପାର୍ଟି କମଚଳା ସରକାରଙ୍କ ମୁଖ୍ୟ ଉପଦେଷ୍ଟା



ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି । ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି । କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ମକଦ୍ଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିମ ରାୟ ଦିଆଯାଇଥିଲା । ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି । ମାତ୍ର ଦୁଇମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା । ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା । ମୁଖ୍ୟ ବିଚାରପତି ମାସେ ହେଲା ଅନୁପସ୍ଥିତ ଥିଲେ । ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ବାଂଲାଦେଶରେ ହସିନାଙ୍କ ଭାଷଣ ଛାପିବା ଉପରେ ସରକାର କଟକଣା ଲଗାଇ ଦେଇଛନ୍ତି । ତାଙ୍କୁ ଦେଶକୁ ନେବା ପାଇଁ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି ମଧ୍ୟ କୁହାଯାଉଛି ।

# ସାଉଦିକୁ ଏଫ୍-୩୫ ବିକିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବ୍ରିକି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି । ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗୀଦାର ବୋଲି କହିଛନ୍ତି । ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି । ଗତ କେତେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁଛି । ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି । ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣାବିକା ପ୍ରକ୍ରିୟାକୁ ରୋକିପାରିବେ । କିନ୍ତୁ ସାଧାରଣତଃ ଏହା ହୋଇନଥାଏ । ଏଫ୍-୩୫ ୫ମ ପିଢ଼ିର ଫାଇଟର ଜେଟ୍ । ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି । ୨୦୦୬ରୁ ଏହି ବିମାନ ତିଆରି ପ୍ରକ୍ରିୟା ଆରମ୍ଭ ହେଉଛି । ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା । ପେଣ୍ଟାଗନ ଇତିହାସରେ ଏହା ସବୁଠାର ଦାମୀ ବିମାନ । ଏଫ୍-୩୫ର ୩ଟି ଭାରିଆଣ୍ଟ ରହିଛି ଓ ଏଗୁଡ଼ିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧. ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ।



# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## 'ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା'

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଆତ୍ମଘାତୀ ବୋମା ସାଜିଥିବା ଉମର ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଜଣାପଡ଼ିଛି । ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ରଖିଛି । ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା । ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା ସହିଦ ହେବାର ଏକ ମିସନ ବୋଲି ସେ କହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାର୍‌ରେ ବିସ୍ଫୋରଣ କରିବା ସହ ନିଜକୁ ଉଡାଇ ଦେଇଥିଲା । ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି ।

ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା । କିନ୍ତୁ ସେ ଏପରି କରିବାକୁ ମନା କରିଦେଇଥିଲା । ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା । ରାଜନୀତି ବିଜ୍ଞାନର ଛାତ୍ର ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା ।



- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲା । ଏହା ଇସ୍‌ଲାମ ଧର୍ମରେ ପାପ ବୋଲି ସେ କହିଥିଲା । ୨୦୨୩ ଅକ୍ଟୋବରରେ କୁଲଗାଁଓରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା । ଏହାପରେ ଫରିଦାବାଦ୍‌ର ଅଲ ଫଲାହ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା । କିନ୍ତୁ ଗତ ଏପ୍ରିଲ୍‌ରେ ସେ ଏହି ମିସନରୁ ଓହରିଯାଇଥିଲା । ଖରାପ ଆର୍ଥିକ ସ୍ଥିତି ଓ ଇସ୍‌ଲାମରେ ଆତ୍ମହତ୍ୟା ପାପର ଦୋହି ଦେଇ ସେ ଓହରିଯାଇଥିଲା । ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା ।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ ଏଜେନ୍ସିଗୁଡ଼ିକ ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛନ୍ତି । ଆତଙ୍କବାଦ ମଡ୍ୟୁଲ ସହିତ ଜଡ଼ିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି । ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହାରକୁ ଯିବା ନେଇ ବାରଣ କରାଯାଇଛି । ମୋବାଇଲର କଲ୍ ଡିଟେଲ ରେକର୍ଡିଂ ଓ ଅନ୍ୟ ତଥ୍ୟଗୁଡ଼ିକର ଯାଞ୍ଚ କରାଯାଉଛି । ଡାକ୍ତର ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ପ୍ରଫେସର ଅଛନ୍ତି । ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡ଼ିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦର ସମ୍ପର୍କରେ ଥିଲେ । ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲେ । ପରେ ପଶ୍ଚିମବଙ୍ଗରୁ ସେ ଗିରଫ ହୋଇଥିଲା । ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କରେ ସେ ସାମିଲ ଥିବୋଲି ଜଣାପଡ଼ିଛି ।

# ବାଚସ୍ପତି ପଦ ପାଇଁ ଟଣାଓଟରା

ପାଟନା/ନୂଆଦିଲ୍ଲୀ, ୧୮।୧୧: ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାରେ ୫ ଦିନ ବିତିଗଲାଣି, କିନ୍ତୁ ମନ୍ତ୍ରିମଣ୍ଡଳ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ । ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କ ନାମ ଘୋଷଣା କରାଯାଇ ନାହିଁ । କୁହାଯାଉଛି ଯେ ବାଚସ୍ପତି ପଦ ଓ ଗୃହ ମନ୍ତ୍ରଣାଳୟକୁ ନେଇ ବିଜେପି ଏବଂ ନୀତୀଶଙ୍କ ଜେଡିୟୁ ମଧ୍ୟରେ ଟଣାଓଟରା ଚାଲିଥିବାରୁ ନେତା ନିର୍ବାଚନ ପାଇଁ ଏନଡିଏ ବୈଠକ ମଧ୍ୟ ବସିପାରୁ ନାହିଁ । ଉଭୟ ବାଚସ୍ପତି ପଦ ସହିତ ଗୃହ ବିଭାଗ ଜେଡିୟୁ ହାତରେ ରଖିବା ଲାଗି ନୀତୀଶ ଜିଦ୍ ଧରିଛନ୍ତି । କିନ୍ତୁ ବିଜେପି ଏଥିରେ ରାଜି ହେଉନାହିଁ । ବିଜେପି ନେତା ଯୁକ୍ତି କରୁଛନ୍ତି ଯେ ବିଜେପି ଅଧିକ ଆସନ ପାଇଥିଲେ ମଧ୍ୟ କମ୍ ଆସନ ପାଇଥିବା ଜେଡିୟୁକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦିଆଯିବ । ଏହା ବଦଳରେ ବିଜେପିକୁ ବାଚସ୍ପତି ପଦ ସହିତ ଗୃହ ବିଭାଗ ମିଳିବା ଉଚିତ ।

ବିଦାୟୀ ବିଧାନସଭାରେ ବିଜେପିର ନନ୍ଦ କିଶୋର ଯାଦବ ବାଚସ୍ପତି ଅଛନ୍ତି । କିନ୍ତୁ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ହାତରେ ରଖିଛନ୍ତି । କୌଣସି ବି ପରିସ୍ଥିତିରେ ଗୃହ ବିଭାଗ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ନୀତୀଶ । ଏହାସହିତ ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କିତ ହୋଇପଡ଼ିଥିବା ନୀତୀଶ କୁମାର ବାଚସ୍ପତି ପଦ ତାଙ୍କର ଜେଡିୟୁକୁ ମିଳୁ ବୋଲି ଜିଦ୍ ଧରିଛନ୍ତି । ବାଚସ୍ପତି ଦୌଡ଼ରେ ବିଜେପିର ପ୍ରେମ କୁମାର ଥିବା ବେଳେ ଜେଡିୟୁର ବିଜୟ ଚୌଧୁରୀଙ୍କୁ ବାଚସ୍ପତି କରିବାକୁ ଚାହୁଁଛନ୍ତି ନୀତୀଶ ।

**ଗୃହ ବିଭାଗ ଛାଡ଼ିବାକୁ ନୀତୀଶ ନାରାଜ**

ଅଚଳାବସ୍ଥା ଦୂର କରିବା ଲାଗି ନୂଆଦିଲ୍ଲୀରେ ବିଜେପି ଏବଂ ଜେଡିୟୁର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଛି । ବର୍ତ୍ତମାନ ସୁଦ୍ଧା କୌଣସି ସହମତି ହୋଇପାରି ନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ଡକରା ପାଇ ଗତକାଲି ରାତିରେ ଜେଡିୟୁର ଦୁଇ ବରିଷ୍ଠ ନେତା ସଂଜୟ ଝା ଏବଂ ଲଲନ ସିଂହ ଦିଲ୍ଲୀ ଯାଇଥିଲେ । ଅମିତ ଶାହଙ୍କ ସହିତ ଦୀର୍ଘ ତିନି ଘଣ୍ଟା ଧରି ଏହି ଦୁଇ ନେତାଙ୍କର ରୁଦ୍ଧଦ୍ୱାର ବୈଠକ ହୋଇଛି । ବୈଠକରେ ବଜେପି ସଭାପତି ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ । ବାଚସ୍ପତି ଓ ଗୃହ ବିଭାଗକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି ।

ଅମିତ ଶାହ ଆସନ୍ତାକାଲି ପାଟନା ଆସୁଛନ୍ତି । ଏହାପୂର୍ବରୁ ବାଚସ୍ପତି ଓ ଗୃହ ବିଭାଗ ନେଇ ବୁଝାମଣା ହୋଇଯିବ ବୋଲି କୁହାଯାଉଛି । ଆସନ୍ତାକାଲି ଏନ୍‌ଡିଏର ନବନିର୍ବାଚିତ ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ନେତା ନିର୍ବାଚିତ କରାଯିବାର ସମ୍ଭାବନା ରହିଛି । ଏହାପରେ ନୀତୀଶ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବା ସହିତ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ।

# ଅଲ-ଫଲାହ ପ୍ରତିଷ୍ଠାତାକୁ ଗିରଫ କଲା ଇଡି



ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ଚର୍ଚ୍ଚାରେ ଥିବା ଅଲ୍-ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଗିରଫ କରିଛି । ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ୟୁନିଭର୍ସିଟିର ତିନି ଏମ୍‌ବିବିଏସ ପ୍ରାଧ୍ୟାପକ ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଜଣେ ଆତ୍ମଘାତୀ ସାଜି ନିଜକୁ ଉଡ଼ାଇ ଦେଇ ବିସ୍ଫୋରଣ କରିଥିଲା । ଅଲ-ଫଲାହର ଅନେକ ମେଡିକାଲ ଛାତ୍ର ଏବେ ଯାଞ୍ଚ ଏଜେନ୍ସିର ରାଡାରରେ ଅଛନ୍ତି । ସୂଚନା ଅନୁଯାୟୀ ଇସିଆଇଆର ରେକର୍ଡ ଜାଲିଆତି କରିଥିବା ନେଇ ଅଲ-ଫଲାହ ବିରୋଧରେ ଅଭିଯୋଗ ଲାଗିଥିଲା । ଦିଲ୍ଲୀ ପୁଲିସ ଏ ନେଇ ଦୁଇଟି ଏତଲା ରୁଜୁ କରିଥିଲା । ଏହି ମାମଲାରେ ଇଡି ତୁହାକୁ ତୁହା ଚଢ଼ଉ ଜାରି ରଖିଥିଲା । ଯାଞ୍ଚ ଏବଂ ପ୍ରମାଣର ବିଶ୍ଳେଷଣ ଆଧାରରେ ସିଦ୍ଦିକିକୁ ଗିରଫ କରାଯାଇଛି । ଏହା ପୂର୍ବରୁ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଅଲ-ଫଲାହ ୟୁନିଭର୍ସିଟି ସହିତ ଏହାର ଓଖଲା ଅଫିସ ଏବଂ ପ୍ରମୋଟରଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା । ଏହି ୟୁନିଭର୍ସିଟି ୟୁଜିସି ଏବଂ ନାକ୍ ନିୟମ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଥିଲା । ଦିଲ୍ଲୀ କାର୍ ବିସ୍ଫୋରଣକୁ ନେଇ ଯାଞ୍ଚ ଏଜେନ୍ସି ୨୫ଟି ସ୍ଥାନରେ ଚଢ଼ଉ କରିଥିଲା । ଏହି ଗ୍ରୁପ ସହ ୯ଟି ସେଲ୍ ଫାର୍ମ ସାମିଲ ଥିଲା । ସବୁ କମ୍ପାନୀର ଠିକଣା ସମାନ ଥିଲା । ଏବେ ସବୁ କମ୍ପାନୀ ତଦନ୍ତର ପରିସର ଭୂକ୍ତ ହୋଇଛନ୍ତି ।

# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି । ଏନ୍‌ଆଇଏ ଅନସରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖତାରକୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି । ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡ଼ିକ ଉପରେ ଏନ୍‌ଆଇଏ ନଜର ରଖିଛି । ଇଖତାର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି । ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି । ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି । ପାକିସ୍ତାନର ଲସ୍କର-ଇ- ତୋଇବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ଶିଦାବାଦରେ ମୌଳବାଦୀମାନେ ଭିଡିଓ କନଫରେନ୍ସରେ ଯୋଗାଯୋଗ କରିଥିଲେ । ବିସ୍ଫୋରଣର କିଛିଦିନ ପୂର୍ବରୁ ସୈଫୁଲ୍ଲା ସହ ଯୋଗାଯୋଗ ହୋଇଥିଲା । ସୈଫୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା । ଫଳରେ ସୀମାପାର ମୌଳବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି ।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ 'ପ୍ରାକୃତିକ ବିପର୍ଯ୍ୟୟ' ଘୋଷଣା କରିବାକୁ କହିଛନ୍ତି । ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରାଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ । ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି ଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ । ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା । ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ । ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ । ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଉଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧିନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ । ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ । ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ ।



ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି । ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି । ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)ଙ୍କୁ କହିଛନ୍ତି ।

# କେଦାରନାଥରେ ୨୩୦୦ ଟନ୍ ଆବର୍ଜନା, ତଳକୁ ଆଣିବାରେ ଖର୍ଚ୍ଚ ହେବ ୨୫ କୋଟି

ରୁଦ୍ରପ୍ରୟାଗ, ୧୮ ।୧୧(ଏଜେନ୍ସି): ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାସ୍ଥିତ କେଦାରନାଥ୍ ଧାମ୍‌ରେ ଚଳିତ ବର୍ଷ ରେକର୍ଡ ୧୭ ଲକ୍ଷ ୬୮ ହଜାର ଶ୍ରଦ୍ଧାଳୁ ବାବା କେଦାରନାଥ ଦର୍ଶନ କରିଛନ୍ତି । କିନ୍ତୁ ଏମାନେ କେଦାରନାଥ ଧାମ୍‌ରେ ୨୩୦୦ ଟନ୍ ଆବର୍ଜନାର ଏକ ପାହାଡ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ଶ୍ରଦ୍ଧାଳୁ ହାରାହାରି ଦେଢ଼ କେଜି ଆବର୍ଜନା ସେଠାରେ ଛାଡି ଆସିଛନ୍ତି । ଗତବର୍ଷ ତୁଳନାରେ ପ୍ରତ୍ୟେକ ଯାତ୍ରୀ ଏଥର ଅଧିକ ୧୫୦ ଗ୍ରାମ୍‌ର ଆବର୍ଜନା ପକାଇଛନ୍ତି । ଏବେ ଏହି ଆବର୍ଜାନ ହିମାଳୟ କ୍ଷେତ୍ରରେ ଅବସ୍ଥିତ ଏହି ଶିବଧାମ୍‌ର ପରିବେଶ ତଥା ପର୍ଯ୍ୟାବରଣକୁ ବିପଦରେ ପକାଇଛି । କିନ୍ତୁ ସେଠାରେ ଏହି ଅବର୍ଜନାକୁ ଜଳାଇବାକୁ ଅନୁମିତ ଦିଆଯାଇନାହିଁ । ୧୦୦ ଟନ୍ ପ୍ଲାଷ୍ଟିକ ଆବର୍ଜନା ମଧ୍ୟ ସେଠାରେ ପଡ଼ି ରହିଛି । ଖଚରମାନେ ହିଁ ଏହି ଆବର୍ଜନାକୁ କେଦାରନାଥ ଧାମରୁ ତଳକୁ ଆଣିବେ । ଥରେ ଏକ ଖଚର ୧୦ରୁ ୧୨ କେଜି ଆବର୍ଜାନ ତଳକୁ ଆଣିବାରେ ୧୭୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏବେ ଏହି ଅବର୍ଜନାକୁ ତଳକୁ ଆଣିବା ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି ।

# ଅନମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): କୂଟନୀତିରେ ଭାରତକୁ ବଡ଼ ସଫଳତା ମିଳିଛି । ମହାରାଷ୍ଟ୍ରର ଏନ୍‌ସିପି ନେତା ବାବା ସିଦ୍ଦିକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିଛି । ସେ ବୁଧବାର ଭାରତରେ ପହଞ୍ଚିବ । ବର୍ଷେ ହେଲା ଅନ୍‌ମୋଲକୁ ଭାରତ ଆଣିବା ପାଇଁ ମୁମ୍ବଇ ପୁଲିସ ଉଦ୍ୟମ କରୁଥିଲା । ସେହିପରି ଗତ ବର୍ଷ ଏପ୍ରିଲରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ଉପରେ ଗୁଳି ମାଡ଼ ମାମଲାକୁ ନେଇ ମଧ୍ୟ ଅନ୍‌ମୋଲ ୱାଣ୍ଟେଡ ଥିଲା । ବାବା ସିଦ୍ଦିକିଙ୍କ ପୁଅ ଜିସାନ ସିଦ୍ଦିକି କହିଛନ୍ତି ଯେ ଅନ୍‌ମୋଲ ଆମେରିକାକୁ ଆସୁଛି ବୋଲି ତାଙ୍କୁ ସୂଚନା ମିଳିଛି । ଏବେ ସେ ଆଉ ଆମେରିକାରେ ନାହିଁ । ଭାରତ ଅଣାଯାଇ ତା ବିରୋଧରେ ଟ୍ରାଏଲ ହେବ ବୋଲି ଆଶା । ପୂର୍ବରୁ କାନାଡ଼ାରେ ଅନମୋଲକୁ ଅଟକ ରଖାଯାଇଥିବା କୁହାଯାଉଥିଲା । ଏଠାରୁ ତା' ନିକଟରୁ ରୁଷର ଜାଲ୍ ପାସପୋର୍ଟ ମିଳିଥିଲା ।



### ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ନାହିଁ



ଭୁବନେଶ୍ୱର,୧୮।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ। ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି
■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା

# ଝାରସୁଗୁଡ଼ାରୁ ଧରାପଡ଼ିଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ (୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬)। ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ। ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ। ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ। ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ। ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ। ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ। ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ। ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି। ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି। ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।



୬୧ ପାସ୍‌ବୁକ, ୪୧ ଏଟିଏମ୍, ୯୦ ମୋବାଇଲ ଫୋନ ଜବତ

# ରାଜ୍ୟରେ ହେବ ୪ ନୂଆ ତହସିଲ

ଭୁବନେଶ୍ୱର,୧୮।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ। ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ। ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି। ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି। ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି। ଏହି ପ୍ରସ୍ତାବରେ ନିର୍ବାଚିତ ପ୍ରତିନିଧି ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରି ଜନସାଧାରଣଙ୍କ ପାଇଁ ଭୌଗୋଳିକ ନିକଟତା ଏବଂ ପ୍ରଶାସନିକ ସେବା ପ୍ରଦାନର ସୁବିଧାକୁ ଧ୍ୟାନ ଦେବାକୁ କୁହାଯାଇଛି। ଏହାସହିତ ପ୍ରସ୍ତାବିତ ତହସିଲ ପାଇଁ କର୍ମଚାରୀଙ୍କ ଆବଶ୍ୟକତା, ଆର୍ଥିକ ପ୍ରଭାବ ମତାମତ ସହିତ ୭ ଦିନ ମଧ୍ୟରେ ସମ୍ପୃକ୍ତ ଆରଡିସି ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିବାକୁ କୁହାଯାଇଛି।

# ଠକ ଅଜିତ୍ ସହ ଆଇଏଏସ୍ ଅଧିକାରୀଙ୍କ ଘନିଷ୍ଠ ସମ୍ପର୍କ!

ଭୁବନେଶ୍ୱର, ୧୮।୧୧(ସମିସ): ଜିଏସ୍‌ଟି ରେଡ୍‌ରୁ ବଞ୍ଚାଇବା ପାଇଁ ୧୮ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣାରେ ଅଜିତ୍ କୁମାର ପାତ୍ର ଓ ତାର ସହଯୋଗୀ ମିକୁଲାଲ୍ ଜୈନଙ୍କ ଗିରଫ ପରେ ଅନେକ ଅଫିସରଙ୍କ ମନରେ ପଶିଛି ଛନକା। ଏହି ସର୍ବଭାରତୀୟ ଠକ ସହ ରାଜ୍ୟର ଅନେକ ବରିଷ୍ଠ ଅଫିସରଙ୍କ ସମ୍ପର୍କର ସୂତ୍ର ସିବିଆଇ ହାତରେ ଲାଗିଥିବା କୁହାଯାଉଛି ଏବଂ ଜଣେ ସଚିବସ୍ତରୀୟ ଅଧିକାରୀଙ୍କ ସହ ତାଙ୍କ ଘନିଷ୍ଠ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ସିବିଆଇ ଜାଣିବାକୁ ପାଇଛି। ସମ୍ପୃକ୍ତ ଅଧିକାରୀ ବଲାଙ୍ଗୀର ଜିଲ୍ଲାରେ ଜମିବାଡ଼ି କିଣାରେ ଅଜିତ୍ ମଧ୍ୟସ୍ଥତା କରିଥିବା ସିବିଆଇ ସୂଚନା ପାଇଛି । ଏ ସମ୍ପର୍କରେ ସିବିଆଇ ଡିଜିଟାଲ୍ ପ୍ରମାଣ ଯୋଗାଡରେ ଲାଗିଛି ଓ ଖୁବ୍ ଶୀଘ୍ର ତାଙ୍କୁ ଜେରା ଲାଗି ନୋଟିସହୋଇପାରେବୋଲିଏହିସୂତ୍ରରୁଜଣାପଡ଼ିଛି।

ସମ୍ପୃକ୍ତ ଅଧିକାରୀ ଜଣକ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଥିବାବେଳେ ଅଜିତ ତାଙ୍କର ପାଖଲୋକ ଭାବରେ ପରିଚିତ ଥିଲା। ତାଙ୍କ ମାଧ୍ୟମରେ ସେ ଆହୁରି ଅନେକ ଆଇଏଏସ୍ ଓ ଓଏଏସ୍‌ଙ୍କ ପାଖଲୋକ ହୋଇ ପାରିଥିଲା। ବଲାଙ୍ଗିର ଜିଲ୍ଲାରେ ଜମି କିଣିଥିବା ଏହି ଅଧିକାରୀମାନଙ୍କୁ ଅଜିତ୍ ସହଯୋଗ କରିଥିଲା। ସମ୍ପୃକ୍ତ ଅଧିକାରୀ ପାଟଣାଗଡ଼ ଓ ଟିଟିଲାଗଡ଼ରେ ନିଜର ସମ୍ପର୍କୀୟଙ୍କ ନାମରେ ବହୁ ଜମି କିଣିଛନ୍ତି ଏବଂ ଏଥିରେ ଅଜିତ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଜମି କିଣାବିକାରୁ କୋଟିକୋଟି ଟଙ୍କା ରୋଜଗାର କରିବା ସହିତ ନିଜ ନାମରେ ମଧ୍ୟ କିଛି ପ୍ଲଟ୍ କିଣିଥିଲା। ବ୍ୟାପକ କଳା ଟଙ୍କା କାରବାର କରିବାରେ ସେ ପ୍ରମୁଖ ମାଧ୍ୟମ ସାଜିବା ସହ ବାବୁଙ୍କ ପାଖଲୋକ ଭାବେ ବିଭିନ୍ନ ଅଫିସରେ ପତିଆରା ପ୍ରଦର୍ଶନ କରୁଥିଲା। ଏପରିକି ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବା ଦାୟିତ୍ୱ ଅଜିତ ନିଜେ ନେଉଥିଲା କିମ୍ବା ତା ସୁପାରିଶ କ୍ରମେ ହିଁ ଅନ୍ୟ ସଂସ୍ଥାକୁ କାମ ଦିଆଯାଉଥିଲା।

ଆମ୍ବାସଡ଼ାର ଗାଡ଼ି ଭଡ଼ାରୁ ନିଜ ବ୍ୟବସାୟିକ ଜୀବନ ଆରମ୍ଭ କରିଥିବା ମାଟ୍ରିକ ପଢ଼ୁଆ ଅଜିତ ନିଜ ଜାଲରେ ବରିଷ୍ଠ ଅଧିକାରୀଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ତାଙ୍କ ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ନେତାଙ୍କ ଭିଡ଼କୁ ଏହାର ପ୍ରମାଣ ବୋଲି ମନେ କରୁଛି ସିବିଆଇ। ସବୁ ସୂତାଖିଅକୁ ଯୋଡ଼ି ସିବିଆଇ ଅଜିତ୍ ବିରୋଧରେ ପ୍ରମାଣ ଏକାଠି କରୁଛି। ଏହା ସହ କେଉଁ କେଉଁ ଅଧିକାରୀଙ୍କ ସହ ତାହାର ଘନିଷ୍ଠତା ଥିଲା, ଲୋକଙ୍କୁ ଠକିବାରେ ସେ କିପରି ନକ୍ସା ପ୍ରସ୍ତୁତ କରୁଥିଲା ତାହାର ଅନୁସନ୍ଧାନ ସହ ଅଜିତ୍‌ର ବ୍ୟାଙ୍କ କାରବାର ସମ୍ପର୍କରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ଏହା ସହ ଅଜିତ୍ ନାମରେ ଥିବା ୨୬ଟି ପ୍ଲଟ୍ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ସମ୍ପୃକ୍ତ ସଚିବସ୍ତରୀୟ ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି କୁହାଯାଉଛି।

■ ସିବିଆଇ ସ୍କାନରରେ ସରକାରଙ୍କ ବରିଷ୍ଠ ଅଧିକାରୀ
■ ବଲାଙ୍ଗିର ଜମି କିଣା ମାମଲାରେ ହୋଇପାରେ ଜେରା

### କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୧୮।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)। ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା। ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା। ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା। ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ କାମ କରୁଥିବା ଜାଣିବା ପରେ କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା। ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍‌ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ଏନ୍‌ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା। ଏନ୍‌ଆଇଏ ଆହୁରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ। ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍‌ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍‌ଆଇଏ। ପୋକ୍ସୋ ଆକ୍ଟ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍। ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

ନିଯୁକ୍ତି ପ୍ରଲୋଭନ ଦେଖାଇ ଦେହ ବେପାର

### ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ


ପୁରୀ,୧୮।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି। ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି। କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ। ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ। ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ଏଭଳି ଆଶଙ୍କା ଦେଖାଦେଇଛି।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା। ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା। ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି। ପାଖାପାଖି ୩୦ପ୍ରତିଶତ ଧାନ କଟା ହେଲାଣି। ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ। ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି। ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି। ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି। ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି।



## ଦୁଷ୍କର୍ମ ଅଭିଯୁକ୍ତ ଡାକ୍ତରଙ୍କୁ ଅନୁକମ୍ପା କାହିଁକି

କଣାସ,୧୮।୧୧(ସମିସ): ପୁରୀ ଜିଲ୍ଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଡାକ୍ତର କ୍ଷମାନିଧି ସେଠୀ ଗତ ୩ତାରିଖ ଦିନ ସେହି ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଜଣେ ମହିଳା ଆୟୁଷ ଡାକ୍ତାରଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ସଂପୃକ୍ତ ମହିଳା ଡାକ୍ତର ଭୁବନେଶ୍ୱର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ ଖବର ପାଇ ୫ତାରିଖ ଦିନ ଏକ ତଦନ୍ତକାରୀ ଦଳକୁ ପୁରୀରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ କରିଥିଲେ। ତେବେ ୧୩ତାରିଖ ଦିନ ନିର୍ଦ୍ଦେଶକ ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତ୍ର ପାଇଥିଲେ ମଧ ଖବର ଲେଖା ହେବା ସୁଧା ସରକାରଙ୍କୁ ଜଣାଇ ନ ଥିଲେ। ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ କୋର୍ଟଚାଲାଣ ହେବାର ୪୮ଘଣ୍ଟା ବିତିଗଲା ପରେ ନିଲମ୍ବନ ହେବା ପାଇଁ ନିର୍ଦ୍ଦେଶ ଥିଲେ ମଧ କାହିଁକି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ନିର୍ଦ୍ଦେଶକ ଗିରଫ ହୋଇଥିବା ଡାକ୍ତରଙ୍କୁ ନିଲମ୍ବନ ନ କରି ଘଣ୍ଟ ଘୋଡ଼ାଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ସେହିପରି ସଂପୃକ୍ତ ଡାକ୍ତର ଗିରଫ ହେବା ପରେ ମଧ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତରଖାନାକୁ ତାଙ୍କ ସ୍ଥାନରେ ଅନ୍ୟ ଡାକ୍ତର ନ ପଠାଇବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ୪ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି। ୧୧ଟି ଡାକ୍ତର ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ଦୈନନ୍ଦିନ ୫ଶହରୁ ଊର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାକୁ ଆସୁଥିବାରୁ ଯେଉଁ ଡାକ୍ତରଙ୍କ ଡ୍ୟୁଟି ପଡୁଛି ସେ ଲହୁଲୁହାଣ ହୋଇପଡୁଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ମନ୍ତ୍ରୀ ଦୃଷ୍ଟି ଦେବା ପାଇଁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିକ୍ଷାବିତ୍ ବିଦ୍ୟାଧର ସାହୁଙ୍କ ବିୟୋଗରେ ଶୋକ



କଣାସ,୧୮।୧୧(ସମିସ): ଗତକାଲି କଣାସ ବ୍ଲକ୍ ସିରେଇ ଗ୍ରାମପଞ୍ଚାୟତ ସିରେଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିଧାଧର ସାହୁଙ୍କର ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ପରିସରରେ ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ସମାଜସେବା କରିଆସୁଥିଲେ। ଏହି ଶୋକ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀନାବାସ ସୁନ୍ଦରାୟ, ତରୁଣସେନସ୍ୱାଇଁ, ବିଦ୍ୟାଳୟରଶିକ୍ଷକଶିକ୍ଷୟିତ୍ରୀଏବଂଛାତ୍ରଛାତ୍ରୀଯୋଗଦେଇଥିଲେ।

## ମା'-ଝିଅଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ

ଗମ୍ଭାରୀ ପଦା,୧୮।୧୧(ସମିସ): କାକଟପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ଜନୈକ ଯୁବକ ତାଙ୍କ ଝିଅ ଓ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତହେଲେସେହିଅଞ୍ଚଳରବାଦଲନାୟକ(୨୦)।ସେମହିଳାଙ୍କଘରେପଶିଯୋର ଜବରଦସ୍ତ ମହିଳାଙ୍କ ସମେତ ତାଙ୍କ ନାବାଳିକା ଝିଅକୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲା। ମହିଳା ଜଣଙ୍କ ଥାନାରେ ଏତଲା କରିବା ପରେ ପୁଲିସ ତଦନ୍ତ କରି ଯୁବକକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏ ନେଇ ପୁଲିସ ଅଧିକ ତଦନ୍ତ କରୁଥିବା କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

## ଶୌଚାଳୟ ନିର୍ମାଣ ନେଇ ଅସନ୍ତୋଷ



ପୁରୀ,୧୮।୧୧(ସମିସ): ବଡ଼ଦାଣ୍ଡକୁ ଲାଗି ବେଆଇନ ଭାବରେ ଶୌଚାଳୟ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ବଗଲା ଧର୍ମଶାଳା ନିକଟରେ ଏହି ଶୌଚାଳୟ ନିର୍ମାଣ କରାଯାଉଛି। ତେବେ ଏହି ଶୌଚାଳୟ ନିର୍ମାଣ କରିବାକୁ ଏକ ଘରୋଇ ସଂସ୍ଥାକୁ ପ୍ରଶାସନ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ନିର୍ମାଣ କରାଯାଉଥିବା ଶୌଚାଳୟ ନିକଟରେ ପୂର୍ବରୁ ଗୋଟିଏ ଶୌଚାଳୟ ଥିବା ବେଳେ ତାହାର ନିକଟରେ ଆଉ ଗୋଟେ ଶୌଚାଳୟ ନିର୍ମାଣ ପାଇଁ ଏକ ଘରୋଇ ସଂସ୍ଥାକୁ ନିର୍ମାଣ କାର୍ଯ୍ୟ ଦେବାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ନେଇ ସାମାଜିକ କର୍ମୀ ସ୍ୱାଧୀନ କୁମାର ପଣ୍ଡା ପ୍ରଶ୍ନ ଉଠାଇଛନ୍ତି। ମାଗଣା ଶୌଚାଳୟ ପୁରୀ ପୌରସଂସ୍ଥାର ରହିଛି। ଯେଉଁଠାରେ ମହିଳା ଓ ପୁରୁଷଙ୍କ ନିମନ୍ତେ ସୁବିଧା ରହିଛି। ମାତ୍ର ତାହାକୁ ବନ୍ଦ କରାଯାଇ ତାହାରି ଆଗରେ ଏକ ଘରୋଇ ସଂସ୍ଥାକୁ ଶୌଚାଳୟ ନିର୍ମାଣ ପାଇଁ ଅନୁମତି ଦେବା କେତେଦୂର ଠିକ୍ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେଣୁ ଏହାକୁ ବିରୋଧ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏ ନେଇ ପୌରସଂସ୍ଥା କାର୍ଯ୍ୟନିବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି କି ବଗଲାରେ ଜନ ସାଧାରଣଙ୍କ ନିମନ୍ତେ ଶୌଚାଳୟ ରହିଛି। ହେଲେ ଲ୍ୟାଣ୍ଡ ଇସ୍ୟୁ ରହିଥିବାରୁ ତାହା ଖୋଲା ନହୋଇ ବନ୍ଦ ହୋଇରହିଛି। ଏଥିପାଇଁ ଆଉ ଗୋଟିଏ ନିର୍ମାଣ ହେଉଛି।

● ମହିଳା ବ୍ୟବସାୟୀଙ୍କୁ ବୀଭତ୍ସ ହତ୍ୟା

# ସୀମା ବିବାଦରୁ ୭ ଘଣ୍ଟା ଧରି ପଡ଼ିରହିଲା ଶବ

ଡେଲାଙ୍ଗ,୧୮।୧୧(ସମିସ)

ଡେଲାଙ୍ଗ ରେଳ ଷ୍ଟେସନ୍‌ଠାରୁ ମାତ୍ର ୫୦ ମିଟର ଦୂରରୁ ଆଜି ଜଣେ ମହିଳା ବ୍ୟବସାୟୀଙ୍କ ଶବ ଜବତ ହୋଇଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ଅତି ନୃଶଂସ ଭାବେ ହତ୍ୟା କରି ଏଠାରେ ଫୋପାଡ଼ି ଦେଇଛି। ଏକ ଧାରୁଆ ଅସ୍ତ୍ରରେ ମହିଳାଙ୍କ ଛାତିଠାରୁ ପେଟତଳ ପର୍ଯ୍ୟନ୍ତ ଚିରି ଦେଇଛି। ଫଳରେ ମହିଳାଙ୍କ ପେଟ ଭିତରୁ ଅନ୍ତବୁଜୁଳା ବାହାରି ଆସିଥିବା ଦେଖାଯାଇଥିଲା। ସକାଳୁ ସକାଳୁ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ପଦାକୁ ଆସିଥିବା ବେଳେ ପୁଲିସ ଓ ଜିଆର୍‌ପି ମଧ୍ୟରେ ସୀମା ବିବାଦ ଯୋଗୁଁ ପାଖାପାଖି ୭ଘଣ୍ଟା ଧରି ମହିଳାଙ୍କ ଶବ ଉଠିପାରି ନଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ମହିଳାଙ୍କ ପୁଅ ଡେଲାଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ମହିଳାଜଣଙ୍କ ହେଲେ, ଡେଲାଙ୍ଗ ଥାନା ଅଧୀନ ରେଞ୍ଚ ପଞ୍ଚାୟତ ବେଲେଶ୍ୱର ପାଟଣା ଗ୍ରାମର ସଉରୀ ମଲ୍ଲିକ (୬୩)।

### ଜିଆର୍‌ପି-ସ୍ଥାନୀୟ ପୁଲିସ ସମନ୍ୱୟ ଅଭାବ

ପୁଲିସ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଲୁଟ୍ ଉଦ୍ଦେଶ୍ୟରେ କେହି ତାଙ୍କୁ ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ସଉରୀ ପରିବା, କାକୁଡ଼ି, ବାଦାମ, ବୁଟସିଝା ଆଦି ବେପାର କରନ୍ତି। ପ୍ରତିଦିନ ସେ ଟ୍ରେନ୍‌ରେ ଭୁବନେଶ୍ୱର ଯାତାୟାତ କରନ୍ତି। ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସନ୍ତି। ସୋମବାର ସେ ଆଉ ଘରକୁ ଫେରିନଥିଲେ। ତେବେ ଆଜି ସକାଳ ପ୍ରାୟ ସାଢ଼େ ୬ଟାରେ ତାଙ୍କ ମୃତଦେହ ଗାଁ ମୁଣ୍ଡରେ ଥିବା ରେଳବାଇର ପରିତ୍ୟକ୍ତ ମୁସାଫେରି ନିକଟସ୍ଥ ଏକ କୁଡ଼ିଆଘର ପଛପଟ ନୟନଯୋରିରେ ପଡ଼ିଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ପରିବାରଲୋକଙ୍କଠାରୁ ଖବର ପାଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ମୃତଦେହ ପଡ଼ିଥିବା ଅଞ୍ଚଳଟି ରେଳବାଇ ଅଧୀନରେ ଥିବା କହି ରେଳ କର୍ତ୍ତୃପକ୍ଷକୁ ଲିଖିତ ଆକାରରେ ଜଣାଇବାକୁ ମୃତ ମହିଳାଙ୍କ ପୁଅଙ୍କୁ ପରାମର୍ଶ ଦେଇଥିଲେ। ପରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପଟେ ମୃତଦେହ ଠାବ ହେବାର ୫ଘଣ୍ଟା ବିତିଯାଇଥିଲେ ମଧ ରେଳ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିଲେ। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ମହିଳାଙ୍କ ପୁଅ ରାଜକିଶୋର ମଲ୍ଲିକ ଡେଲାଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମୃତଦେହ ଉଦ୍ଧାର କରିଥିଲା। ସେତେବେଳକୁ ଦୀର୍ଘ ୭ଘଣ୍ଟା ବିତି ସାରିଥିଲା।

## ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସିର ସଫଳତା



ଭୁବନେଶ୍ୱର,୧୮।୧୧ (ସମିସ): କେନ୍ଦୁଝରସ୍ଥିତ ଡିଏନ୍ ହାଇସ୍କୁଲରେ ଆୟୋଜିତ ୬୯ତମ ରାଜ୍ୟ ବିଦ୍ୟାଳୟ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ ପୁରୀସ୍ଥିତ ଓଡ଼ିଶା ଏଏମ୍/ ଏନ୍‌ଏସ୍‌ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୧୭ ବର୍ଷରୁ କମ୍ ବୟସବର୍ଗରେ ପୁରୀ ବାଳକ ଦଳ ଚାମ୍ପିଅନ ହୋଇଥିଲା। ଏଥିରେ ଏଚପିସିର ଶୁଭମ ବିଶ୍ୱାଳ, ସୁନିଲ ନାୟକ ଓ ସୌରଭ ନାୟମ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ବାଳିକା ବିଭାଗରେ ଚାମ୍ପିଅନ ଭୁବନେଶ୍ୱର ଦଳରେ ଲିସାରାଣୀ ରାଇତା, ଶୁଭଶ୍ରୀ ମଲ୍ଲିକ, ରକ୍ତିମା ଭଣ୍ଡା ଓ ଚିନ୍ମୟୀ ପ୍ରଧାନ ସଦସ୍ୟ ରହିଥିଲେ। ୧୪ ବର୍ଷରୁ କମ୍ ବାଳକବର୍ଗରେ ପୁରୀର ବାଳକ ଦଳ ଚାମ୍ପିଅନ ହୋଇଥିଲା। ଏହି ଦଳରେ ଏଚପିସିର ଯୁବ ପ୍ରତିଭା ଆଦିତ୍ୟ ଦାସ ଓ ଶୁଭମ ଦଳାଇଙ୍କ ଯୋଗଦାନ କରିଥିଲା। ମୋଟ୍ ଉପରେ ଓଡ଼ିଶା ଏଚ୍‌ପିସିର ୧୬ଜଣ ଖେଳାଳି ଏହି ରାଜ୍ୟ ବିଦ୍ୟାଳୟ ଖୋ ଖୋ'ରେ ଭାଗନେଇ କ୍ରୀଡ଼ା ନୈପୁଣ୍ୟ ଦେଖାଇଥିଲେ। ଏଏମ୍/ ଏନ୍‌ଏସ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ଡକ୍ଟର ବିକାଶ ଯାଦବେନ୍ଦୁ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବନ୍ଦନା ଭାଷା ସାହିତ୍ୟ କଳା ଓ ସଂସ୍କୃତି ପରିଷଦର କବିତା ଆସର




ସାକ୍ଷୀଗୋପାଳ,୧୮।୧୧(ସମିସ): ସ୍ଥାନୀୟ ବକୁଳବନସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ବନ୍ଦନା ଭାଷା ସାହିତ୍ୟ କଳା ଓ ସଂସ୍କୃତି ପରିଷଦ ପକ୍ଷରୁ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଆସରରେ ୭୫ ଜଣ କବି ଓ କବୟିତ୍ରୀ ଯୋଗଦେଇ ସ୍ୱ ରଚିତ କବିତା ଆବୃତ୍ତି କରିଥିଲେ। ସାମାଜିକ କର୍ମୀ ସାଧୁଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ପ୍ରଫେସର ବୃନ୍ଦାବନ ଚନ୍ଦ୍ର ରଥ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରାଚୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲ୍ଲୀପ ସେନାପତି ଓ ଅନ୍ୟତମ ଅତିଥି ଭାବେ ସାଇ ସାହିତ୍ୟ ସଂସ୍ଥାନର ସମ୍ପାଦକ ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବନ୍ଦନା ସାହିତ୍ୟ ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କବୟିତ୍ରୀ ତଥା ଶିକ୍ଷୟିତ୍ରୀ ସୁଜାତା ଦେବୀ ଓ କବି ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବୟିତ୍ରୀ ବନ୍ଦନା ମହାପାତ୍ର, ପ୍ରମିଳା ପଟ୍ଟନାୟକ, କବି ରଞ୍ଜନ ମିଶ୍ର, ବିଜୟ କୁମାର ପରିଡ଼ା, ଦିଗମ୍ବର ରଥ, କୃପାନିଧି ପ୍ରଧାନ, ବିଭୂତି ହୋତା, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ଯୋଗୀବନ୍ଧୁ ସାହୁଙ୍କ ସମେତ ଅନ୍ୟମାନେ ଏହି ଅସରରେ କବିତା ଆବୃତ୍ତି କରିଥିଲେ। ବରିଷ୍ଠ କବି ଡାକ୍ତର ପ୍ରଭାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ସମବାୟ ସମିତି ଜାଗାରୁ ମାଟି ଚୋରି



ବଳଙ୍ଗା,୧୮।୧୧(ସମିସ): ବଳଙ୍ଗା ଥାନା ଭଗବତୀପୁର ସେବା ସମବାୟ ସମିତି ଜାଗାରୁ ଜଣେ ବ୍ୟକ୍ତି ଜେସିବି ଲଗାଇ ମାଟି ଉଠାଇବାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ସୂଚନା ଭଗବତୀପୁର ସେବା ସମବାୟ ସମିତିର ଚାଷୀମାନେ କରିଥିବା ଅଭିଯୋଗ ଅନୁଯାୟୀ ସନିବାର ଦିନ ମଧ୍ୟାହ୍ନରେ ଭଗବତୀପୁର ଗ୍ରାମର ଜନୈକ ବ୍ୟକ୍ତି ଜେସିବ ଲଗାଇ ଜୋରଜବରଦସ୍ତ ମାଟି ଉଠାଇବାକୁ ନେଇ ଗ୍ରାମବାସୀମାନେ ପଚରାଉଚୁରା କରିଥିଲେ। ତେବେ ଏଥିରେ ଉତ୍ତ୍ୟକ୍ତ ହୋଇ ବ୍ୟକ୍ତି ଜଣଙ୍କ ମୋର କ'ଣ କରିବ କହି ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ମଧ ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ଅଧିକ ତଦନ୍ତ ଜାରି ରଖିଛି।

● ଟ୍ରାଫିକ୍ ପୋଷ୍ଟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା

## ବାର୍ଷିକ ୬ % ସୁଧ ସହ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ: ହାଇକୋର୍ଟ

### ୧୬ ବର୍ଷ ପରେ ରାୟ ପ୍ରକାଶ

କଟକ, ୧୮।୧୧ (ସମିସ): ୧୬ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ। ପୁରୀ ମାର୍କଣ୍ଡେଶ୍ୱର ସାହି ନିକଟସ୍ଥ ଟ୍ରାଫିକ୍ ପୋଷ୍ଟରେ ଲାଗିଥିବା ଡିସ୍‌ପ୍ଲେ' ବୋର୍ଡର ବିଦ୍ୟୁତ୍ ଆଘାତରେ ୨୦ବର୍ଷୀୟ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ଘଟଣା ଘଟିବା ଦିନ ପରଠାରୁ ବାର୍ଷିକ ୬ ପ୍ରତିଶତ ସୁଧ ସହ ୨ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ୬ସପ୍ତାହ ମଧ୍ୟରେ ମୃତକଙ୍କ ପରିବାରକୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନବକିଶୋର ମିଶ୍ରଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଇତିମଧ୍ୟରେ, ଆବେଦନକାରୀ ନବକିଶୋର ମୃତ୍ୟୁବରଣ କରିସାରିଥିବାରୁ ତାଙ୍କ ପତ୍ନୀଙ୍କୁ ଏହି ଅର୍ଥରାଶି ଟିପିସିଓଡିଏଲ ପକ୍ଷରୁ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୦୯ ସେପ୍ଟେମ୍ବର ୪ରେ ପ୍ରବଳ ବର୍ଷା ଯୋଗୁଁ ଆବେଦନକାରୀଙ୍କ ପୁତ୍ର ପୁରୀ ମାର୍କଣ୍ଡେଶ୍ୱର ସାହି ନିକଟରେ ଥିବା ଏକ ଟ୍ରାଫିକ୍ ପୋଷ୍ଟ ଉପରେ ଚଢ଼ିଯାଇଥିଲେ। ସେଥିରେ ଲାଗିଥିବା ଏକ ଡିସପ୍ଲେ' ବୋର୍ଡର ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆବେଦନକାରୀ କ୍ଷତିପୂରଣ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ସାକ୍ଷୀଗୋପାଳ,୧୮।୧୧(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଖେଳପଡ଼ିଆରେ ଆୟୋଜିତ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃକଲେଜ ଭଲିବଲ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଖେଳାଯାଇଥିବା ପ୍ରତିଯୋଗିତାର ବିଜୟୀ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳ ଏବଂ ଗ୍ରୁପ୍ 'ବି' ପ୍ରତିଯୋଗିତାର ବିଜୟୀ ମଦନପୁର ମହାବିଦ୍ୟାଳୟ ଦଳ ମଧ୍ୟରେ ଆଜି ଫାଇନାଲ ମ୍ୟାଚ ଆୟୋଜିତ ହୋଇଥିଲା। ଏହି ଫାଇନାଲ ମ୍ୟାଚରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳ ଚାମ୍ପିଅନ ହୋଇଥିବାବେଳେ ମଦନପୁର ମହାବିଦ୍ୟାଳୟ ଦଳ ରନର୍ସ ଅପ୍ ହୋଇଥିଲା। ଚାମ୍ପିଅନ ଦଳକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ପୁରସ୍କୃତ କରିବା ସହ ଆଗାମୀ ଭବିଷ୍ୟତରେ ନିଜ ପ୍ରତିଭାକୁ ଆହୁରି ଉଜ୍ଜ୍ୱଳ କରିବାକୁ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସଂଘମିତ୍ରା ମିଶ୍ର, ବବିତା ପ୍ରଧାନ, ଅଧ୍ୟାପକ ବୈକୁଣ୍ଠ ମେହେର ଏବଂ ଅଧ୍ୟାପକ ପ୍ରକାଶ ସାହୁ ଓ କ୍ରୀଡ଼ାଶିକ୍ଷକ ରଘୁନାଥ ପରିଡ଼ା ପରିଚାଳନା କରିଥିଲେ। ମହାବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପକ ମନୋଜ ପରିଡ଼ା, ପ୍ରାଧ୍ୟାପକ ରତ୍ନାକର ସାହୁ, ପ୍ରାଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ପ୍ରାକ୍ତନ ମୁଖ୍ୟ କିରାଣି ରାଜକିଶୋର ପତି, ହିସାବ ରକ୍ଷକ ମହେଶ୍ୱର ମିଶ୍ର, ବରିଷ୍ଠ କିରାଣି ସୀତାଂଶୁ ମହାପାତ୍ର ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଏହି ପ୍ରତିଯୋଗିତା ନିକଟରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ମହାବିଦ୍ୟାଳୟକର୍ମଚାରୀ ମିଲୁ ଗୁରୁ, ଅମରବହାଦୁର ମାଝୀ, ଗଣନାଥ ସାହୁ, ରମେଶ ନାୟକ, ସୁରଜ ସାହୁ, ଚନ୍ଦନ ନନ୍ଦ ପ୍ରମୁଖ ଅନେକ ସହଯୋଗ କରିଥିଲେ। ପରିଶେଷରେ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଯାତାୟାତରେ ସମସ୍ୟା

# ରାସ୍ତା ଉପରେ ଅଭିଭାବକ, ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



ଡେଲାଙ୍ଗ,୧୮।୧୧(ସମିସ)

ଡେଲାଙ୍ଗ ବ୍ଲକ୍ ବେରବୋଇସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଯନ୍ତ୍ରଣା ଦେଉଛି ଯାତାୟତ ବ୍ୟବସ୍ଥା। ବିଗତ ୩ବର୍ଷ ପୂର୍ବେ ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ଆବାସଟି ନିମ୍ନମାନର ହୋଇଥିବା ବେଳେ ଏଠାରେ ପିଲାଙ୍କ ରହିବା ବିପଦପୂର୍ଣ୍ଣ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ତେବେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟକୁ ଯାତାୟତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ମୁଖ୍ୟମନ୍ତ୍ରୀ ବସ ଉପରେ ନିର୍ଭର କରୁଛନ୍ତି। ରେଙ୍ଗଳ, ଘୋରଡିଆ, କୁଆପଦା, ବାରବାଟି, ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ, ଜଗଦଳପୁର, ହାଟବଜାର, ବେରବୋଇ ଆଦର୍ଶ ବିଦ୍ୟାଳୟ ଦେଇ ମଣିଜିପୁର, ବୋଲକଣା ଯାଉଥିବା ବସରେ ଛାତ୍ରଛାତ୍ରୀ ସକାଳୁ ବିଦ୍ୟାଳୟକୁ ଆସନ୍ତି। ସେହିପରି ଅପରାହ୍ନ ୪.୨୦ରେ ଫେରୁଥିବା ଏହି ବସ ଯୋଗେ ବିଦ୍ୟାଳୟରୁ ପିଲାମାନେ ନିଜ ଘରକୁ ଫେରୁଥିବା ବେଳେ ଗତ କିଛିଦିନ ହେବ ବସର ଫେରିବା ସମୟରେ ପରିବର୍ତ୍ତନ କରାଯାଇ ସନ୍ଧ୍ୟା ୬ଟା ହୋଇଛି। ଯାହା ଫଳରେ ପିଲାମାନେ ସନ୍ଧ୍ୟାରେ ବିଦ୍ୟାଳୟରୁ ଫେରୁଥିବା ବେଳେ ଘରେ ପହଂଚିବାରେ ବିଳମ୍ବ ହେଉଥିବାରୁ ପାଠପଢାରେ ବ୍ୟାହାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପିଲାଙ୍କର ଦେଖାଶୁଣା କରିବେ ଓ ୫ଟା ପରଠାରୁ ଅଭିଭାବକମାନେ ନିଜ ପିଲାଙ୍କର ତଦାରଖ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏନେଇ ମଙ୍ଗଳବାର ଛାତ୍ରଛାତ୍ରୀମାନଙ୍କ ସହିତ ଅଭିଭାବକ ପ୍ରକାଶ କୁମାର ସାହୁ, ତପନ କୁମାର ସାମନ୍ତରାୟ, ମମତା ସାହୁ, ପ୍ରଦୀପ ବିଶ୍ୱାଳ, ସନ୍ତୋଷ ପାଟଶାଣୀ, ବିଭୂତି ଭୂଷଣ ପ୍ରଧାନ, ବେଣୁଧର ମଙ୍ଗରାଜ, ସାଗରିକା ଧାଉଡ଼ିଆ ପ୍ରମୁଖ ବିଦ୍ୟାଳୟ ନିକଟ ରାସ୍ତାରେ ଏକତ୍ର ହୋଇ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ। ବସ ଚଳାଚଳ ସମୟରେ ପରିବର୍ତ୍ତନ କରି ପୂର୍ବପରି ୪.୨୦ରେ ବସ ଚଳାଇବାକୁ ଅଭିଭାବକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲା ଓଏସଆର୍‌ଟିସିକୁ ଅବଗତ କରାଯାଇଥିବା ବେଳେ ପୂର୍ବ ନିର୍ଦ୍ଧାରିତ ସମୟରେ ବସ ଚଳାଚଳ କରାଯିବ ବୋଲି ବିଭାଗ ସୂଚନା ଦେଇଥିବା ଅଭିଭାବକ ମହାସଂଘ ସଭାପତି ଅଶୋକ ପ୍ରଧାନ ସୂଚନା ଦେଇଛନ୍ତି। ତୁରନ୍ତ ବସ ଚଳାଚଳ ସମୟରେ ପରିବର୍ତ୍ତନ କରାନଗଲେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଭାବକ ସଂଘ ଚେତାବନୀ ଦେଇଛନ୍ତି।

## କାକଟପୁରରୁ ଚୋରି ବୋଲେରୋ ଧଉଳିରୁ ଉଦ୍ଧାର




କାକଟପୁର/କୁଣ୍ଢେଇ,୧୮।୧୧(ସମିସ): କାକଟପୁର ମେଡିକାଲ ଛକ ନିକଟରୁ ଏକ ବୋଲେରୋ ଚୋରି ହୋଇଥିବାବେଳେ ତାହାକୁ ଭୁବନେଶ୍ୱର ଉପକଣ୍ଠ ଧଉଳି ଅଞ୍ଚଳରୁ ଉଦ୍ଧାର କରାଯାଇଛି। କାକଟପୁରର ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ଘର ନିକଟରୁ ତାଙ୍କର ଏହି ବୋଲେରୋ (ଓଡି ୦୨ ଡି ୦୩୬୫)କୁ ଗତ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏ ସଂକ୍ରାନ୍ତରେ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ସୌଭାଗ୍ୟ ରଞ୍ଜନ ସ୍ୱାଇଁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଗୌରୀ ଶଙ୍କର ସେଠୀ ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରିବା ପରେ ଗାଡ଼ିଟିକୁ ଦୁର୍ବୃତ୍ତମାନେ ଭୁବନେଶ୍ୱର ଧଉଳି ଅଞ୍ଚଳରେ ନେଇ ରଖିଥିବା ଜାଣିବାକୁ ପାଇଥିଲେ। ୨୪ ଘଣ୍ଟା ମଧ୍ୟରେ ଗାଡ଼ିଟିକୁ ଉଦ୍ଧାର କରାଯାଇଥିବାରୁ ଗାଡ଼ି ମାଲିକ ଶ୍ରୀ ସ୍ୱାଇଁ କାକଟପୁର ପୁଲିସକୁ ପ୍ରଶଂସା କରିଛନ୍ତି। କାକଟପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

୧୮/୧୧/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୨,୩୫୬/-
ସୁନା: ୦୬.୪୫୦ ଗ୍ରାମ୍
ରୁପା: ୩୩.୦୦୦ ଗ୍ରାମ୍





ବାଂଲା ଅନୁପ୍ରବେଶକାରୀ ପ୍ରସଙ୍ଗ

# ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ ସବୁ ଥାନାକୁ ନିର୍ଦ୍ଦେଶ

ପୁରୀ,୧୮।୧୧(ସମିସ): ପେରାଶୀ ଜଗତ୍‌ସିଂହପୁର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହେବା ପରେ ଆଲର୍ଟରେ ରହିଛି ପୁରୀ ପୁଲିସ। କେବଳ ପୁରୀ ନୁହେଁ ସବୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକୁ ମଧ୍ୟ ଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପର୍ଯ୍ୟଟନ ସହର ପୁରୀ ପ୍ରତି ମଧ୍ୟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପଟରୁ ବିପଦ ରହିଛି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ପୁରୀ ସହରକୁ ଆସୁଥିବା ବେଳେ ପୁରୀ ସହର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧ୍ୟ ଆତଙ୍କବାଦୀ ଟାର୍ଗେଟରେ ରହିଛି। ଏ ନେଇ ପୂର୍ବରୁ ଗୋଇନ୍ଦା ବିଭାଗ ଏକାଧିକଥର ଅବଗତ କରାଇଛି। ଯେଉଁଥିପାଇଁ କିଛିବର୍ଷ ହେବ ଏନ୍‌ଏସ୍‌ଜି ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି। ଏ ସବୁକୁ ଦେଖିଲେ ପୁରୀ ପ୍ରତି ନିଶ୍ଚିତ ବିପଦ ରହିଛି। ତେଣୁ ପୁରୀ ପୁଲିସ ଜିଲ୍ଲାରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବି ମତ ରଖିଛନ୍ତି। ଅପରପକ୍ଷେ ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ ସବୁ ଥାନାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।



ପୁରୀ ଜିଲ୍ଲାର ଉପକୂଳକୁ ସୁରକ୍ଷା ଦେବା ପାଇଁ ଚାରୋଟି ମେରାଇନ ଥାନା (ଅରଖକୁଦା, ପେଣ୍ଟକଟା, ଚନ୍ଦ୍ରଭାଗା ଏବଂ ଅସ୍ତରଙ୍ଗ) ରହିଛି। ହେଲେ ଥାନାଗୁଡ଼ିକରେ କର୍ମଚାରୀ ଏବଂ ଭିତ୍ତିଭୂମି ଯେପରି ରହିବା କଥା ତାହା ନାହିଁ। ପ୍ରତ୍ୟେକ ଥାନରେ କର୍ମଚାରୀ ମରୁଡ଼ି, ଆତଙ୍କୀ କାର୍ଯ୍ୟକଳାପକୁ ମୁକାବିଲା କରିବା ପାଇଁ ଅତ୍ୟାଧୁନିକ ସୁରକ୍ଷା ଉପକରଣର ଅଭାବ ଏବଂ ପ୍ରଶିକ୍ଷିତ ପୁଲିସ କର୍ମଚାରୀ ଥାନାରେ ନ ଥିବାରୁ ଏହା ବେଶ୍ ଚିନ୍ତାର ବିଷୟ ହୋଇଛି। ମେରାଇନ୍ ଥାନାଗୁଡ଼ିକରେ ଯେତିକି ବ୍ୟବସ୍ଥା ରହିଛି ସେହି ଅନୁଯାୟୀ ପୁଲିସ ତଟ ସୁରକ୍ଷା ପାଇଁ ପ୍ରସ୍ତୁତ ରହିଥିବା ପୁରୀ ପୁଲିସ ପକ୍ଷରୁ କୁହାଯାଇଛି। ସେହିପରି ଜିଲ୍ଲାର ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକାର ସାତପଡ଼ା, ମଙ୍ଗଳା ମନ୍ଦିର, ଚନ୍ଦ୍ରଭାଗା, ରାମଚଣ୍ଡୀ ଆଦି ବିଭିନ୍ନ ସ୍ଥାନକୁ ପ୍ରତିଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କ ମଧ୍ୟରେ କେହି ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜାଇବା ପାଇଁ ଚାହିଁବେ ତେବେ କିଛି ବି ଘଟିପାରେ। ଅନ୍ୟପକ୍ଷରେ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଞ୍ଜାରାମାନଙ୍କୁ ଦେଖିବାକୁ ମିଳୁଛି। ସେମାନେ ବାସ୍ତବରେ କିଏ ତାହାର ଖୋଲତାଡ ହେବାର ଆବଶ୍ୟକତା ରହିଛି।

ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁରୀ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାରେ ସବୁବେଳେ କଡ଼ା ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ମଧ୍ୟ ପୁରୀ ପୁଲିସର ଗୁଇନ୍ଦା ବିଭାଗ କଡା ନଜର ରଖିଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପାଇଁ ପୁରୀ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାରେ ବାଂଲାଦେଶୀ ବ୍ୟକ୍ତି କେହି ଚିହ୍ନଟ ହୋଇନାହାନ୍ତି।

ସୂଚନାଥାଉ କି, ଦିଲ୍ଲୀ ବିସ୍ଫୋରଣ ପରେ ପୁରୀ ସହର ସମେତ ଶ୍ରୀମନ୍ଦିର, ସମୁଦ୍ର କୂଳ ଏବଂ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢେଇ ଦିଆଯାଇଛି। ପୁରୀ ସହରର ସମସ୍ତ ପ୍ରବେଶ ପଥରେ ଗାଡ଼ିଗୁଡ଼ିକୁ ମଧ୍ୟ ନିୟମିତ ଯାଞ୍ଚ କରାଯାଉଛି। ତେବେ ପୁରୀ ସହର ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏହାର ସୁରକ୍ଷା ପାଇଁ ପୁରୀ ପୁଲିସ ସମସ୍ତ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଦରକାର ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଆଜିଠୁ ଶ୍ରୀମନ୍ଦିରରେ ଦେବ ଦୀପାବଳି

ପୁରୀ,୧୮।୧୧(ସମିସ): ବୁଧବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଦେବ ଦୀପାବଳି ଉତ୍ସବ। ଏହା ତିନିଦିନ ଧରି ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ, ମାର୍ଗଶୀର ଅମାବାସ୍ୟା ଓ ମାର୍ଗଶୀର ଶୁକ୍ଳ ପ୍ରତିପଦାରେ ପାଳନ କରାଯିବ। ପ୍ରଥମ ଦିନ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ କଶ୍ୟପ ଓ ଅଦିତିଙ୍କ ଉଦ୍ଦେଶ୍ୟରେ, ଦ୍ୱିତୀୟ ଦିନ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ,ତୃତୀୟଦିନ ମାର୍ଗଶୀର ଶୁକ୍ଳ ପ୍ରତିପଦା ବସୁଦେବ-ଦେବକୀ, ନନ୍ଦ-ଯଶୋଦା ଓ ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଓ ଦୀପଦାନ କରିଥାନ୍ତି। ଏହି ତିନିଦିନ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ।

## ମହିଳାଙ୍କୁ ଲୁଟୁଥିବା ୨ ଲୁଟେରା ଗିରଫ

ପୁରୀ,୧୮।୧୧(ସମିସ): ମହିଳାଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ଲୁଟ୍ କରୁଥିବା ୨ ଲୁଟେରାଙ୍କୁ କାବୁ କରିଛି ପୁଲିସ। ଏହି ଦୁଇଜଣଙ୍କ ନାଁରେ ପୁରୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଦୀର୍ଘଦିନ ହେବ ଏମାନେ ଲୁଟ୍‌ପାଟ କରୁଥିବା ବେଳେ ଖସିଯିବାକୁ ସକ୍ଷମ ହେଉଥିଲେ। ଏବେ କିନ୍ତୁ ଉଭୟଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ବିଶେଷକରି ଏମାନେ ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ଏହି ଦୁଇ ଲୁଟେରାଙ୍କୁ ଅଟକ ରଖାଯାଇ ଅଧିକ ପଚରା ଉଚରା କରାଯାଉଛି। ଖୁବଶୀଘ୍ର ଏମାନଙ୍କ କଳାକାରନାମାର ପର୍ଦ୍ଦାଫାଶ କରାଯିବ। ଦୁଇ ଜଣଙ୍କ ବିରୋଧରେ ପୁଲିସକୁ ଅନେକ ତଥ୍ୟ ମିଳିଛି। ସେମାନଙ୍କ ନାଁରେ ୪ରୁ ଅଧିକ ଥାନା ଅଞ୍ଚଳରେ ଲୁଟ୍‌ପାଟ ଓ ଛିନ୍‌ତାଇ ମାମଲା ରହିଛି। ସେମାନଙ୍କ ସହ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେ ନେଇ ତଦନ୍ତ ଚାଲିଛି। ଏମାନେ ଟାଉନ ଥାନା, କୁମ୍ଭାରପଡ଼ା, ସମୁଦ୍ରକୂଳ ଓ ବଳିଆପଣ୍ଡା ଥାନା ଅଞ୍ଚଳରେ ଲୁଟ୍‌ପାଟ କରୁଥିଲେ। ଦୁଇ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ଥାନାର ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା।

ଶେଷରେ ପୁଲିସ ଉଭୟଙ୍କୁ କାବୁ କରିବାରେ ସଫଳ ହୋଇଛି। ଏମାନେ ବିପୁଳ ମାତ୍ରାରେ ଭ୍ୟାନିଟ ବ୍ୟାଗ, ମୋବଇଲ ଫୋନ୍ ଲୁଟ୍ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କଠାରୁ ୫ଟି ଭ୍ୟାନିଟ୍, ୮ ଟି ଦାମୀ ମୋବାଇଲ ଫୋନ, ୧୦ ହଜାର ଟଙ୍କା, ଛୁରୀ, ଗୋଟିଏ ହଣ୍ଟର ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାଁରେ ଟାଉନ ଥାନାରେ ୨ଟି ମାମଲା, କୁମ୍ଭାରପଡ଼ା, ସମୁଦ୍ରକୂଳ, ବଳିଆପଣ୍ଡା ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ପୁଲିସ ବର୍ତ୍ତମାନ ଏହି ଦୁଇ ଅଭିଯୁକ୍ତ ନା ଗୋପନ ରଖି ଅଧିକ ତଦନ୍ତ ଚଳାଇଛି। ଏମାନଙ୍କ ସହ ଆଉ କେଉଁମାନେ ସାମିଲ ଅଛନ୍ତି ସେ ନେଇ ତଦନ୍ତ ପରେ ସ୍ପଷ୍ଟ କରାଯିବ ବୋଲି ଏସ୍‌ପି ଶ୍ରୀ ସିଂ ପତିକ୍ରିୟା ରଖିଛନ୍ତି।

## ପୁରୀ ଜିଲ୍ଲା ଟେବୁଲ ଟେନିସ୍ ପ୍ରତିଯୋଗିତା

ପୁରୀ,୧୮।୧୧(ସମିସ): ପୁରୀ ଜିଲ୍ଲା ଟେବୁଲ ଟେନିସ୍ (ଟିଟି) ଆସୋସିଏଶନ ଆନୁକୁଲ୍ୟରେ ବାଲିଗୁଆଳିସ୍ଥିତ ଟିଟି ଏକାଡେମୀ ହଲ୍‌ରେ ଜିଲ୍ଲା ଟେବୁଲ ଟେନିସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୧ ବର୍ଷରୁ କମ୍ ବାଳକ ବିଭାଗରେ ଆରିୟର ମହାନ୍ତି ପ୍ରଥମ, ଏସ୍.କେ. ରିଷଭ ଦ୍ୱିତୀୟ, ସିବାଂଶ ପଟ୍ଟନାୟକ ଓ ରିଦ୍ଧୀସ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଆରିୟନ ମହାନ୍ତି ପ୍ରଥମ, ପ୍ରତିକ୍ କୁମାର ମଲ୍ଲିକ ଦ୍ୱିତୀୟ, ଅଭିଜିତ ମହାପାତ୍ର ଓ ଆୟୁଷ ସାସ୍‌ମଲ ତୃତୀୟ ହୋଇଥିଲେ। ୧୩ବର୍ଷରୁ କମ୍ ବାଳିକା ବିଭାଗରେ ଶ୍ରୀତିୟା ଚୌଧୁରୀ ପ୍ରଥମ, ଅନୋଖି ମହାନ୍ତି ଦ୍ୱିତୀୟ, ଗାୟତ୍ରୀ ପଟ୍ଟନାୟକ ଓ ମିତ୍ ପୂଜାପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ସିନିଅର ପ୍ରୋଗ୍ରାମ ଅଫିସର ରାଜ୍ୟ କ୍ରୀଡା ଓ



ଯୁବ ବ୍ୟାପାର ବିଭାଗର ହରେଶ କୁମାର ମିଶ୍ର, ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ନାଥ ସେନାପତି, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ସଂଗ୍ରାମ କେଶରୀ ରଥ, ଆଡଭୋକେଟ ଶ୍ରୀପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତି ବିବରଣୀ ପାଠ କରିଥିଲେ। ଡା. କୁମାର ଅରୋଜ୍ୟୋତି ସଭା ପରିଚାଳନା କରିଥିଲେ। ରଞ୍ଜିତ ବାରିକ୍ ଅମ୍ପାୟାର କାର୍ଯ୍ୟ ତୁଲାଇ ଥିଲେ। ଶ୍ୟାମଳ କୁଣ୍ଡୁ, ବିବେକାନନ୍ଦ ପ୍ରଧାନ, ସତ୍ୟଜିତ ମହାନ୍ତି, ଅନୁପ ମିତ୍ର, ଅଭିଜିତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ଜାତୀୟ ଫାର୍ମାସୀ ସପ୍ତାହ




ପୁରୀ,୧୮।୧୧(ସମିସ): ସ୍ଥାନୀୟ ଗୋପଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ଚଳିତ ମାସ ୧୬ରୁ ଆରମ୍ଭ ହୋଇ ୨୨ ତାରିଖ ପାଳନ କରାଯାଉଛି। ଏହି ଅବସରରେ ପ୍ରଥମେ ଛାତ୍ରଛାତ୍ରୀମାନେ ଏକ ସ୍ୱାସ୍ଥ୍ୟ ସଚେତନତା ପଦଯାତ୍ରା ଆୟୋଜନ କରିଥିଲେ। ନିକଟସ୍ଥ ଗୋପାଳପୁର, ସମଗରା, ନୂଆସାହି ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତା ଓ ଟିକାକରଣ ବିଷୟରେ ଛାତ୍ରଛାତ୍ରୀମାନେ ସଚେତନ କରାଇଥିଲେ। ଏହି ପଦଯାତ୍ରାକୁ ଅଧ୍ୟାପକ ଦେବଦତ୍ତ ସାହୁ, ଦେବାଶିଷ ଦାସ, ପାର୍ଥସାରଥୀ ପାତ୍ର, ପ୍ରସାଦ ମହାପାତ୍ର, ବିଷ୍ଣୁପ୍ରିୟା ଜ୍ୟୋତିଷ ଆଦି ପରିଚାଳନା କରିଥିଲେ। ମଙ୍ଗଳବାର କଲେଜ ପ୍ରେକ୍ଷାଳୟରେ ଆୟୋଜିତ ସଭାକୁ ମୁଖ୍ୟଅତିଥି ଭାବେ ସମ୍ବୋଧିତ କରିଥିଲେ ପୁରୀଜିଲ୍ଲା ଟିକା ଓ ଯୋଗାଣ ପ୍ରବନ୍ଧକ ତ୍ରିଲୋଚନ ପରିଡା। ସେ ଟିକା, ଏହାର ଆବଣ୍ଟନ, ସଂରକ୍ଷଣ ଓ ସଚେତନତା ବିଷୟରେ ଛତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

ଏଥିରେ ସଭାପତିତ୍ୱ କରି କଲେଜର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ କୁମାର ରଥ ଫାର୍ମାସୀ ବୃତ୍ତି, ଶିକ୍ଷା, ବ୍ୟବସାୟର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କାରିଥିଲେ। ସଭାରେ ପ୍ରାସଙ୍ଗିକ ବିଷୟ "ପ୍ରତିଷେଧକ ଟୀକାର ସମର୍ଥକ ରୂପରେ ଫାର୍ମାସିଷ୍ଟ' ସମ୍ବନ୍ଧରେ କହିଥିଲେ ଅନୁଷ୍ଠାନର ଶୈକ୍ଷିକ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଓ ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା। ଏହି ଅବସରରେ ଉପସ୍ଥିତ ଥିଲେ ବିତ୍ତୀୟ ନିର୍ଦ୍ଦେଶିକା ଦେବସ୍ମିତା ରଥ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଥିଲେ ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର, ବିଭାଗ ମୁଖ୍ୟ ତଥା ପ୍ରାଧ୍ୟାପକ ଡ. ନିଗମଜ୍ୟୋତି ମାଇତି, ସମୀର ପାତ୍ର ଓ ଜଗନ୍ନାଥ ମିଶ୍ର। ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ ସଭା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ବର୍ଷା ପଲେଇ।

## ନର୍ସିଂ ଶିକ୍ଷା ସମ୍ପର୍କୀୟ ଆଲୋଚନା



ପୁରୀ,୩୦।୧୧(ସମିସ): ନର୍ସିଂ ନିର୍ଦ୍ଦେଶାଳୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ତଥା ସରକାରୀ ସହକାରୀ ନର୍ସିଂ ମିଡୱାଇଫ ତାଲିମ କେନ୍ଦ୍ର (ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର) ପୁରୀର ସହଭାଗିତାରେ ରାଜ୍ୟସ୍ତରୀୟ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ନର୍ସିଂ ନିର୍ଦ୍ଦେଶକ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ ଓ ଡାକ୍ତର ଅମରେନ୍ଦ୍ର ସ୍ୱାଇଁ ମଧ୍ୟ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. କୌଶିକ ଘୋଷ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ଏବଂ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ।

ଏହି କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ନର୍ସିଂ ଶିକ୍ଷା ଏବଂ ସେବାରେ ନେତୃତ୍ୱର ବିସ୍ତାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାପରେ କାର୍ଯ୍ୟଭାର ଚାପ ପରିଚାଳନା, ଗୁଣବତ୍ତା ସେବା ବିଷୟରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କର୍ମଶାଳାରେ ଜାତୀୟସ୍ତର, ରାଜ୍ୟସ୍ତରର ଅନେକ ବିଖ୍ୟାତ ଶିକ୍ଷାବିତ୍ (ନର୍ସିଂ ଶିକ୍ଷା) ତଥା ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକାମାନେ ମଧ୍ୟ ଯୋଗଦେଇ ନର୍ସିଂ ଶିକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସମସ୍ତ ଜିଲ୍ଲାର ନର୍ସିଂ ଶିକ୍ଷା ବିଜ୍ଞାନରେ ସ୍ନାତକ ଏବଂ ନର୍ସିଂ ଶିକ୍ଷା ବିଜ୍ଞାନରେ ମାଷ୍ଟର ଡିଗ୍ରୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ସହିତ ପୁରସ୍କୃତ କରାଯିବା ସହିତ ସମସ୍ତଙ୍କୁ ଉତ୍ସାହିତ କରାଯାଇଥିଲା। ପୁରୀ ନର୍ସିଂ ମିଡୱାଇଫ ତାଲିମ କେନ୍ଦ୍ରର ଅଧ୍ୟାପିକାମାନେ କର୍ମଶାଳାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ସରକାରୀ ସହକାରୀ ନର୍ସ ମିଡୱାଇଫ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ନୟନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ

# 'ଅର୍ଥନୀତି ସୁଦୃଢ଼ୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପୁରୀ,୧୮।୧୧(ସମିସ): ଟାଉନ ହଲ୍ ପରିସରରେ ମଙ୍ଗଳବାର ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅର୍ଥନୀତି ସୁଦୃଢ଼ୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି। କୃଷକମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ୍ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୂର୍ବରୁ ବ୍ୟବସାୟୀମାନେ କମ୍ ଦାମରେ ଚାଷୀମାନଙ୍କଠାରୁ ସେମାନଙ୍କ ଉତ୍ପାଦକ ନେଇ ଯାଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦକର ସଠିକ ମୂଲ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ହକ୍ ବୋଲି ଶ୍ରୀ ବେହେରା କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମବାୟ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡିଗୁଡିକର ଭିତ୍ତିଭୂମିକୁ ସୁଦୃଢ଼ କରିବା, ପାକ୍ସ କୃଷକମାନଙ୍କୁ ସହଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ।




ପୁରୀ ନିମାପଡା ସମ୍ମିଳିତ ବ୍ୟାଙ୍କ ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ଆଲୋକପାତ କରିଥିଲେ।

ଡିଆରସିଏସ୍ ସୁନୀତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାବାର୍ଡର ଡିଡିଏମ୍ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟର ଯୋଗଦାନ, କୃଷକ, ପାକ୍ସମାନଙ୍କର ସମସ୍ୟା ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଞ୍ଚାଳକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

## କୋଣାର୍କ ଉତ୍ସବ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଏସ୍‌ପି

କୋଣାର୍କ,୧୮।୧୧(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ ୫ତାରିଖ ମୁକ୍ତାକାଶ ରଙ୍ଗମଞ୍ଚରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ଅନୁପମ ସମାରୋହ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ସ୍ୱର୍ଣ୍ଣିମ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆୟୋଜିତ ହେବ। ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ପୁରୀ ଏସ୍‌ପି ପ୍ରତୀକ ସିଂ ସ୍ଥାନୀୟ ଯାତ୍ରୀନିବାସଠାରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରିବା ସହିତ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ପରିବେଶ ଓ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ଆୟୋଜିତ ବୈଠକରେ ହୋଟେଲ ଆସୋସିଏସନର କର୍ମକର୍ତ୍ତା ଓ ବିଭିନ୍ନ ବର୍ଗର ବ୍ୟବସାୟୀ, ଗାଇଡ୍, ଫଟୋଗ୍ରାଫର ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଉତ୍ସବରେ ଆଗନ୍ତୁକମାନଙ୍କ ରହଣି, ସୁସ୍ଥ ପରିବେଶ, ଅଗ୍ନି ନିରାପତ୍ତା, ଜରୁରୀକାଳୀନ ପୋଲିସ ସହାୟତା ନମ୍ବର ୧୧୨ର ବ୍ୟବହାର ସଂପର୍କରେ ସଚେତନତା, କୋଣାର୍କ ଓ ଚନ୍ଦ୍ରଭାଗାର ପ୍ରମୁଖ ଜନଗହଳି ସ୍ଥାନରେ ସିସି ଟିଭି ବ୍ୟବସ୍ଥା, ଗାଡ଼ି ପାର୍କିଂ, ଅହୋରାତ୍ର ପୁଲିସ ପାଟ୍ରୋଲିଂ ଓ ଟ୍ରାଫିକ ପରିଚାଳନା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢୀ, ଗୋପ ତହସିଲଦାର, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ରାମଚଣ୍ଡୀ ଥାନାଧିକାରୀ , ଚନ୍ଦ୍ରଭାଗା ମେରାଇନ ଥାନାଧିକାରୀ, ହୋଟେଲ ଆସୋସିଏସନର ସଭାପତି ସୁବାସ ନାୟକ ଓ ଆମ ପୁଲିସ୍ ସଭାପତି ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭୋଟ ଚୋରିକୁ ନେଇ ଯୁବ କଂଗ୍ରେସର ପୋଷ୍ଟର ଲଗା ଅଭିଯାନ

ପୁରୀ,୧୮।୧୧(ସମିସ): ଭୋଟ ଚୋରି ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପୁରୀ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୋଷ୍ଟର ଲଗା ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ବହୁ ଯୁବ କଂଗ୍ରେସ କର୍ମୀ ଭିଆଇପି ରୋଡରୁ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ସହରର ବିଭିନ୍ନ ଜାଗାରେ ଭୋଟ ଚୋରଙ୍କ ବିରୋଧରେ ସଚେତନ ପୋଷ୍ଟର ଲଗାଇଥିଲେ। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ କହିଛନ୍ତି, ଗଣତନ୍ତ୍ର ଆଜି ବିଜେପି ସରକାର ଦ୍ୱାରା ବିପଦରେ। ମହାରାଷ୍ଟ୍ର ପରେ ହରିୟାଣା ଓ ଏବେ ବିହାରର ଖୋଲା ଚିଠା ଦର୍ଶାଇଛି କିଭଳି ଲୋକତନ୍ତ୍ର ବ୍ୟବସ୍ଥାର ହତ୍ୟା କରୁଛି ବିଜେପି ସରକାର। ବିହାର ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଅନେକ ଜାଗାରେ ଭୋଟର ବୁଥରେ ପହଞ୍ଚିଲା ପରେ ତାଙ୍କ ଭୋଟ କେହି ଦେଇଥିବା ସେମାନେ ଜାଣିବାକୁ ପାଇଛନ୍ତି। ସେହିଭଳି ଅନେକ କେନ୍ଦ୍ରରେ ଭୋଟ ଅନ୍ୟ ଦଳକୁ ଦେଲେ ତାହା ବିଜେପିକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏମିତି ନାନା ପ୍ରକାର ଅନିୟମିତତା ହୋଇଥିଲା। ହେଲେ ନିର୍ବାଚନ କମିଶନ ଆଜି ପର୍ଯ୍ୟନ୍ତ ଏହାର ତଦନ୍ତ କରିନାହାନ୍ତି କି କରିବାକୁ କହୁନାହାନ୍ତି। କେବଳ ବିହାର ନୁହେଁ, ଓଡ଼ିଶାର ନୂଆପଡାରେ ବି ଏହିଭଳି ଘଟଣା ଘଟିଛି। ବିରୋଧ ଦଳ ନେତା ରାହୁଲ ଗାନ୍ଧୀ ଦେଶର ଗଣତନ୍ତ୍ରକୁ ବିପଦରେ ପକାଇ କିଭଳି ଭୋଟ ଚୋରି କରୁଛି ବିଜେପି ସରକାର ତା'ର ପ୍ରମାଣ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର ଉତ୍ତର ନିର୍ବାଚନ କମିଶନ ଦେଉନାହାନ୍ତି। ଆର୍‌ଟିଆଇରେ ବି ତଥ୍ୟ ଦେଉନାହାନ୍ତି। ୨୦୨୩ରେ ଚୋରିକୁ ଲୁଚାଇବା ପାଇଁ ବିଜେପି ସରକାର ନର୍ବାଚନ




କମିଶନ ବିରୋଧରେ କେହି ପ୍ରଶ୍ନ ଉଠାଇ କୋର୍ଟ ଯାଇପାରିବେ ନାହିଁ ବୋଲି ନିୟମ କଲେ। ଏହାର ଅର୍ଥ ସିଧା କହିବାକୁ ଗଲେ ଗଣତନ୍ତ୍ରର ହତ୍ୟା କରୁଛି ମୋଦି ସରକାର। ଏ ନେଇ ପୁରୀରେ ଜନ ସଚେତନ ଭୋଟ ଚୋରି କାର୍ଯ୍ୟକ୍ରମ ଯୁବ କଂଗ୍ରେସ ପକ୍ଷରୁ କରାଯାଇଛି ବୋଲି ଶ୍ରୀ ଦାଶ ଅଭିଯୋଗ କରିଛନ୍ତି।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓବିସି ପୁରୀ ଜିଲ୍ଲା ସଭାପତି ରଶ୍ମୀକାନ୍ତ ସାହୁ, ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଅନିଲ ବେଜ୍‌ଙ୍କ ସହ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ଥିଲେ।

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ; ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।

-ନେଲସନ ମଣ୍ଡେଲା

ସକାଳ THE SAKALA

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜିକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୮୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜିକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮(ଯାହା ବଳରେ ଦଲିଲ୍ ପଞ୍ଜୀକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲ୍‌ମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣତୃଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ।

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଂଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଂଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଊର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ।

# ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସୀତ୍କାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଚୁନା ଚୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଳାଂ ସୁଫଳାଂ ଶସ୍ୟଶ୍ୟାମଳାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚ ସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବଧ୍ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍‌କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧୁ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଅପମିଶ୍ରଣର ସାମ୍ରାଜ୍ୟ

ସୁଧାଂଶୁ ପାତ୍ର

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

# ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ - 'ବତ୍ସ ଇନ୍ଦ୍ରଦ୍ୟୁମ୍ନ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭାବବିଗଳିତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।'

ମୋ: ୯୯୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେବଳ ଭାଷଣବାଜିରେ ସୀମିତ ସରକାରଙ୍କ କାର୍ଯ୍ୟକ୍ରମ : ବିଜେଡି

■ ରାଜ୍ୟ ଛାଡୁଛନ୍ତି ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଶିଳ୍ପ ଅନୁଷ୍ଠାନ
■ ଅହେତୁକ ବଢ଼ିଛି ରାଜ୍ୟରେ ଖଣିଜ ପଦାର୍ଥର ଚୋରା କାରବାର

ଭୁବନେଶ୍ୱର,୧୮।୧୧(ସମିସ): ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟକ୍ରମରେ ମନ୍ଥରତାକୁ ନେଇ ବ୍ୟକ୍ତ କରିଥିବା ଚିନ୍ତାକୁ ନେଇ କଠୋର ସମାଲୋଚନା କରିଛି ବିଜେଡି। ରାଜ୍ୟରେ ସରକାର ଏକପ୍ରକାର ସ୍ଥାଣୁ ପାଲଟି ଯାଇଛି ଓ ବିକାଶମୂଳକ କାମ ବନ୍ଦ ହୋଇ ଯାଇଛି ଉପରେ ପ୍ରତିକ୍ରିୟା ରଖିଛି ବିଜେଡି। ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ହୋଇ ରହିଛି, ଲୋକଙ୍କ ପାଖରେ ସରକାର ପହଞ୍ଚିବାରେ ସକ୍ଷମ ହୋଇପାରି ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୧୭ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ। ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମହୋଦୟ ଉଠାଇଥିବା ପ୍ରସଙ୍ଗଗୁଡିକ ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କରିଛି। ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି ଯେ ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଅହେତୁକ ବୃଦ୍ଧି ପାଇଥିବା କଥାକୁ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ସେହିପରି ଚୋରା ମଦ କାରବାରକୁ ରୋକିବା ପାଇଁ ଦେଇଥିବା ନିର୍ଦ୍ଦେଶ ମଧ୍ୟ ରାଜ୍ୟରେ ଚାଲୁଥିବା ଚୋରା ମଦ କାରବାରକୁ ସ୍ୱୀକାର ସଦୃଶ ହୋଇଛି । ବିଜେପି କ୍ଷମତାକୁ ଆସିବାର କିଛି ମାସ ପରେ ଗଞ୍ଜାମ ଜିଲ୍ଲାରେ ଚୋରା ତଥା ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସରକାର ରାଜ୍ୟରେ ଚୋରା ମଦ କାରବାରକୁ ରୋକିବାରେ ସଫଳ ହୋଇ ନାହାନ୍ତି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଉପଲବ୍‌ଧି ବୋଲି ଦାବି କରିଥିବା ବେଳେ ବାସ୍ତବରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଇଟାଟିଏ ପଡ଼ିପାରି ନାହିଁ । ଅପରପକ୍ଷରେ ପୂର୍ବ ବିଜେଡି ସରକାରଙ୍କ ଶିଳ୍ପସ୍ଥାପନ ପାଇଁ ବୁଝାମଣା କରିଥିବା ଜେଏସଡବ୍ଲୁ ଇଭି କାରଖାନା, ଆର୍ସେଲର ମିତ୍ତଲ ଇସ୍ପାତ କାରଖାନା, ଏସ ରାମ ଏନ ରାମ ସେମି କଣ୍ଡକ୍ଟର କମ୍ପାନୀ ଅନ୍ୟ ରାଜ୍ୟକୁ ଚାଲି ଯାଇଥିବା ସୂଚନା ମିଳିଛି। ମାତ୍ର ସରକାର ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

## ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା


# ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ କିଶୋର-ଅଶୋକ

## ଜିଲ୍ଲାରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ ଓ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ଦେଲେ ପ୍ରସ୍ତାବ

ବାରିପଦା, ୧୮ ।୧୧(ସମିସ): ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର ବସା ଏବଂ ତାଙ୍କ ଭାଇ ତଥା ବିଶ୍ୱ ଯନ୍ତ୍ରୀ ମହାସଂଘ (ଡବ୍ଲ୍ୟୁଇଏଫଓ)ର ରଣନୈତିକ ଯୋଜନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାର୍ଯ୍ୟନିର୍ବାହୀ ଉପସଭାପତି ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର



■ ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ ଏଏସଆଇ ଅଧୀନକୁ ଅଣାଯାଉ
■ ୱାଟର ଆକ୍ସନ ଡିକେଡ୍ ୨୦୧୮-୨୮ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ

ପୂର୍ବତନ ସଭାପତି ଇଞ୍ଜିନିୟର୍ ଅଶୋକ ବସା ମଙ୍ଗଳବାର ଅପରାହ୍ଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ସାକ୍ଷାତ ସମୟରେ ପ୍ରଫେସର୍ କିଶୋର ଓଡ଼ିଶାର ସାଂସ୍କୃତିକ ଓ ଆଦିବାସୀ ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ରାଇରଙ୍ଗପୁରଠାରେ ଏକ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ(ଏନ୍‌ଆଇଟିଡି) ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ରାଇରଙ୍ଗପୁର ଓଡ଼ିଶା ସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଆଦିବାସୀ ଜନଗୋଷ୍ଠୀ କେନ୍ଦ୍ରୀଭୂତ ହୋଇଥିବାରୁ ଏହା ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରତିଷ୍ଠାନକୁ ହାଇଦରାବାଦର ଜାତୀୟ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଆଦର୍ଶରେ ଗଢ଼ି ତୋଳାଯାଇପାରିବ ବୋଲି ପ୍ରଫେସର୍ ବସା ମତପ୍ରକାଶ କରିଥିଲେ। ସେହିଭଳି ବାରିପଦାଠାରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଝୁମର ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ସେ କହିଥିଲେ। ଏହାଛଡ଼ା ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ଭେ(ଏଏସଆଇ) ଅଧୀନକୁ ଅଣାଯାଉ ବୋଲି ସେ ନିବେଦନ କରିଥିଲେ। ଅନ୍ୟପଟେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ଉପରେ ଗୁରୁତ୍ୱ ଦେଇ ଜାତିସଂଘଙ୍କ ଦ୍ୱାରା ଘୋଷିତ "ୱାଟର ଆକ୍ସନ ଡିକେଡ୍ ୨୦୧୮-୨୦୨୮' ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି ୬,୧୧,୧୩ ଓ ୧୪)ରେ ଜଳର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ୨୦୩୦ ସୁଦ୍ଧା ଜଳ ଚାହିଦା ଯୋଗାଣର ଦ୍ୱିଗୁଣିତ ହେବ ଏବଂ ୨୦୫୦ ସୁଦ୍ଧା ଦେଶର ଜିଡିପିର ୬ପ୍ରତିଶତ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରି ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରି ଜଳ ନୀତିକୁ ପୁନର୍ଗଠନ କରିବାକୁ ସେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଏକ ବିସ୍ତୃତ ଟିପ୍ପଣୀ ମଧ୍ୟ ଇଞ୍ଜିନିୟର ବସା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ହିତରେ ନିଜ ନିଜ ମତାମତ ବ୍ୟକ୍ତିଗତ ଭାବେ ରଖିବାର ସୁଯୋଗ ଦେଇଥିବାରୁ ଉଭୟ ଯମଜ ଭାଇ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ■ ଆଇନଜୀବୀ ପୀତବାସ ହତ୍ୟା ମାମଲା

# ମଦନ ଦଳେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ଆବେଦନ

ବ୍ରହ୍ମପୁର, ୧୮ ।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ତାଙ୍କ ଓକିଲ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ସମ୍ବିଧାନର ଧାରା ୨୧ ଓ ୨୨ ଅନୁଯାୟୀ ମଦନ ଦଳେଇଙ୍କ ନାମରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ୧୬୧ରେ ରେକର୍ଡ ହୋଇଥିବା ବୟାନରେ

**ପିଟିସନ ଉପରେ ଶୁଣାଣି ସହ ରାୟ ପ୍ରକାଶ ଆଜି**

ମଧ୍ୟ ତାଙ୍କ ନାମ ନଥିବା ଦର୍ଶାଇଛନ୍ତି ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ। ସେହିଭଳି ଭାରତୀୟନ୍ୟାୟସଂହିତାର ଧାରା ୪୭ ଓ ୪୮ ପ୍ରକାରେ ମଧ୍ୟ ପୁଲିସ ମଦନଙ୍କୁ ଗିରଫ ସମୟରେ କୌଣସି ଉଚିତ ତଥ୍ୟ ଓ କାରଣ ଉପସ୍ଥାପନ କରିନଥିବା ସେ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି। ଏହି ପିଟିସନ୍ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ ହୋଇଥିବା ବେଳେ ଶୁଣାଣି ପାଇଁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଫଳରେ ଏହି ପିଟିସନ୍ ଉପରେ ଆସନ୍ତା ବୁଧବାର ୧୯ ତାରିଖରେ ଶୁଣାଣି ସହ ରାୟ ପ୍ରକାଶ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଆଇନଜୀବୀ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନୁରୂପ ଏକ ପିଟିସନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ମଧ୍ୟ ପୂର୍ବରୁ ଦାଖଲ ହୋଇଥିବା ବେଳେ କୋର୍ଟ ତାହାକୁ ନିଜର କ୍ଷମତା ବାହାରେ ଦର୍ଶାଇ ଖାରଜ କରିଥିଲେ। ବର୍ତ୍ତମାନ ଏହି ପିଟିସନର ଶୁଣାଣି ପରେ କି ରାୟ ଆସୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର।


**AFFIDAVIT**

**I, Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

**AFFIDAVIT**

**I, Jaiga Sahu,** W/o.: Brahmananda Sahu, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6016, sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY**, S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist- Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.

(Sd- **DEBDAS RAY**)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.

**AFFIDAVIT**

I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

**AFFIDAVIT**

I, PURANDARA SAHU, aged about 42 years, S/o-Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.

**Pramodini Naik**

**AFFIDAVIT**

By virtue of an affidavit sworn before Executive Magistrate, Aska vide no.-1672 dtd.14.11. 2025 I, Rabindra Nahak, S/o- Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

**AFFIDAVIT (for Minor)**

By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o- Biranchi Jani, At- Baguda, Po.- Damiabarabara, Ps.- Banpur, Dist.- Khordha, Odisha, Pin- 752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.

Rajesh Jani

**AFFIDAVIT**

I, Swetapadma Patnaik, aged about 46 years, W/o- shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps- Laxmisagar, Bhubaneswar, Dist- Khurda, Odisha, Pin- 751006 declare by this affidavit No. 2252, dtd- 16/11/2025, that now onwards I shall be known as **SWETAPADMA PATTNAIK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN- 754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

**AFFIDAVIT**

By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po- Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.

**Brundabana Rana**

**AFFIDAVIT**

Bikash kumar Agarwalla, S/O- Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no- 242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜୁଆରେ ହାରିଲେ...

ଅଭିଯୋଗ କରିଛନ୍ତି। ଯୌତୁକ ଆଣି ନଥିବାରୁ ଶଶୁର ବାରମ୍ବାର ଦୁଷ୍କର୍ମ କରୁଥିଲେ ବୋଲି ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ। ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ। ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଆନ୍ଧ୍ରରେ ହେବ...

କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ। ଏହି ୟୁନିଟ୍‌ରେ 'ସରଳା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାଙ୍କ୍ଟି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ।

## ଏସ୍‌ସିବିରେ ଲଜ୍ଜା...

ଏସ୍‌ସିବି ପରିସରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସଙ୍କୁ ଗିରଫ କରିଥିଲା। ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି। ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

## ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି। ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୬୦ କୋଟି ଟଙ୍କା ବରାଦ କରିଛନ୍ତି। ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି। ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା। ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ। ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ। ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ। ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ। ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟାନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସାଲିଆସାହିରେ ବୁଲିଲା...

ବେହୋସ ହୋଇ ଯାଇଥିବା ଦେଖିବାକୁ ମିଳିଛି । ସେହିପରି କିଛି ଲୋକ ବୁଲଡୋଜର ଆଗରେ ଶୋଇ ବସ୍ତି ଭାଙ୍ଗିବାର ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ ଘର ଭଙ୍ଗା ସମୟରେ ଅନେକ ବସ୍ତିବାସିନ୍ଦା ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ପୂର୍ବ ସରକାର ଯୋଗାଇ ଦେଇଥିବା ଘରକୁ ନ ଯିବାକୁ ଭୋଟବେଳେ ସେମାନଙ୍କୁ ସାଂସଦ ଅପରାଜିତା ପରାମର୍ଶ ଦେବା ସହ ବିଜେପି ସରକାର ଆସିଲେ ୬୦୦ ବର୍ଗଫୁଟ ଜମି ଦିଆଯିବ ବୋଲି କହିଥିଲେ। ମାତ୍ର ନିର୍ବାଚନ ପରେ ତାଙ୍କର ଆଉ ଦେଖା ମିଳୁନାହିଁ; ତାଙ୍କୁ ଭେଟିବାକୁ ଚାହିଁଲେ ବି ଭେଟ ହେଉନାହିଁ। ୬୦୦ ବର୍ଗଫୁଟ ଜମି କେବେ ମିଳିବ ତାହା ଜଣାପଡୁ ନାହିଁ ବୋଲି ଅନେକ ବସ୍ତିବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ଘର ଭଙ୍ଗା ଯାଇଛି ସେମାନେ ପୂର୍ବରୁ ସରକାରଙ୍କ ଠାରୁ ଘର ପାଇ ସାରିଛନ୍ତି। ହେଲେ ସେଠାରେ ନ ରହି ପୁଣି ବସ୍ତିରେ ରହୁଛନ୍ତି। ଉଚ୍ଛେଦ ପରିବାରଙ୍କ ୭ଦିନ ରହିବା ଖାଇବା ପାଇଁ ବ୍ୟବସ୍ଥା ସହ ସେମାନଙ୍କୁ ଘର ଆଲଟ୍ କରାଯାଇଛି। ଜିନିଷ ସ୍ଥାନାନ୍ତର କରାଯିବାକୁ ବ୍ୟବସ୍ଥା ସହ ଘର ପୂଜା ପାଇଁ ମଧ୍ୟ ବନ୍ଦୋବସ୍ତ ହୋଇଥିବା ଅଧିକାରୀମାନେ କହିଛନ୍ତି। ସରକାର ସେମାନଙ୍କୁ ଘର ଯୋଗାଇ ଦେଇଛନ୍ତି; କିନ୍ତୁ ସେମାନେ ଘର ଭଡ଼ାରେ ଲଗାଇ ଏଠାରେ ରହୁଛନ୍ତି। ନୂଆ ରାସ୍ତା ଏହି ବସ୍ତି ମଧ୍ୟ ଦେଇ ଯିବାର ଯୋଜନା ରହିଛି ତେଣୁ ୫୨୧ ଘର ଉଚ୍ଛେଦ କରାଯିବ। ତେବେ ଉଚ୍ଛେଦ ସମୟରେ ସମସ୍ତଙ୍କ ସହଯୋଗ ରହିଥିବା ବେଳେ କେତେକ ବ୍ୟକ୍ତିଗତ ଭାବେ ବିରୋଧ କରୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଉଚ୍ଛେଦ ପରେ ଶୀତ ରାତିରେ ପିଲାଛୁଆଙ୍କ ସମେତ ବୟସ୍କ ବ୍ୟକ୍ତିମାନେ ମଧ୍ୟ ଖୋଲା ଆକାଶ ତଳେ ଶୋଇଥିବା ଦେଖିବାକୁ ମିଳିଛି।

## କୁଖ୍ୟାତ ମାଓନେତା...

ଦେଇଛନ୍ତି। ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼ମାକୁ ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତ ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି। ଗତ ୨ ଦଶନ୍ଧି ମଧ୍ୟରେ ହିଡ଼ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା। ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ। ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା। ହିଡ଼ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା। ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା। ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା। ହିଡ୍‌ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ହିଡ୍‌ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ। ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି।

## ଅକାଠୁଆ ଶୀତ...

ଆସନ୍ତା ୭ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ। ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି। ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ଘୁ.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।


यूनियन बैंक ऑफ इंडिया Union Bank of India — भारत सरकार का उपक्रम — A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ:** ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୁବାଶାସନ ଶାଖା /** **ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉଭରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉଭରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | **୧) ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/୨୧୮୯, ଖାତା ନଂ.: ୬୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତ୍ରପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ଏତଦ୍ୱାରା ଆପଣମାନଙ୍କ **ଦୃଷ୍ଟି ଆକର୍ଷଣ** କରାଯାଉଅଛି **କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ THE SAKALA



● ପଠାଣି ସାମନ୍ତ ମହାବିଦ୍ୟାଳୟ

## ରାଜ୍ୟସ୍ତରୀୟ ପାଠ୍ୟଚକ୍ର ଉଦଘାଟିତ

ଖଣ୍ଡପଡ଼ା,୧୮।୧୧(ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଉଭିଓ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ସହଯୋଗ କ୍ରମେ ପିଏମ ଉଷା ପକ୍ଷରୁ ମହାବିଦ୍ୟାଳୟର ସଭାଗୃହରେ ରାଜ୍ୟ ସ୍ତରୀୟ ପାଠ୍ୟ ଚକ୍ର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼ଃ ଅଶୋକ ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଡ଼ଃ ଜୟକୃଷ୍ଣ ପାଣିଗ୍ରାହୀ, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବଳରାମ ସାହୁ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରିୟରଂଜନ ରଥ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀ ଅତିଥିଙ୍କୁ ସମ୍ମାନିତ କରିଥିଲେ। ପରେ ଅଧ୍ୟାପିକା ତୃପ୍ତି ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ଼ଃ ଶିବନାରାୟଣ ମିଶ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ପାଠ୍ୟ ଚକ୍ର ଉଦଯାପିତ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

● ପଞ୍ଚାୟତ ସମିତି ଦଶମ ସାଧାରଣ ଅଧିବେଶନ

## ନିର୍ମାଣ ହେବ ବୈଷ୍ଣୋଦେବୀ ରାସ୍ତା




ଓଡ଼ଗାଁ,୧୮।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ କନଫରେନ୍ସ ହଲରେ ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ମୀରା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଲାଞ୍ଜନ ଦାସ, ଜିଲ୍ଲା ପରିଷଦ ସଭ୍ୟ ଝିଲ୍ଲି ପ୍ରଧାନ, ବିରଜା ଲକ୍ଷ୍ମୀ ସାହୁ, ରଣପୁର ବିଧାୟକଙ୍କ ପ୍ରତିନିଧି ଲିଙ୍ଗରାଜ ପାତ୍ର ପ୍ରମୁଖଙ୍କ ସହିତ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଅନ୍ତର୍ଗତ କାର୍ଯ୍ୟ ଗୁଡ଼ିକୁ ଗତିଶୀଳ କରିବା ନିମନ୍ତେ ଆଗାମୀ ୨୫ ତାରିଖରେ ମନରେଗା ଯୋଜନା ସମ୍ବନ୍ଧୀୟ ସ୍ୱତନ୍ତ୍ର ସମନ୍ୱୟ ବୈଠକ ଅନୁଷ୍ଠିତ ପାଇଁ ସ୍ଥିର ହୋଇଥିଲା। ୧୨୧ ଅଙ୍ଗନବାଡ଼ି କେନ୍ଦ୍ରକୁ ବିଦ୍ୟୁତ୍ ଯୋଗାଣ ନେଇ ଅର୍ଥ ମଞ୍ଜୁର ହୋଇଥିଲା ବେଳେ ଖୁବ୍ ଶୀଘ୍ର କାର୍ଯ୍ୟ ସାରିବା ନିମନ୍ତେ ବିଦ୍ୟୁତ୍ ବିଭାଗ ସହଯୋଗ କରିବାକୁ ଆଜିର ସଭା ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୯ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ବାଉଁଶ ଗାଡ଼ିଆ ପୂର୍ତ୍ତ ରାସ୍ତାଠାରୁ ନାଥ ପଲ୍ଲୀ ଭାୟା ଗଜେନ୍ଦ୍ରା ପଲ୍ଲୀ ଦେଇ ବୈଷ୍ଣୋଦେବୀ ମନ୍ଦିରକୁ ୮ କିଲୋମିଟର ରାସ୍ତା ନିର୍ମାଣ ହେବ। ଏହା ସହିତ କୁରାଳ ପୂର୍ତ୍ତ ରାସ୍ତାରୁ ଭାୟା ବାଦ ଭୂଇଁ ପଥରାକୁ ୪ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ୪ କୋଟି ୮୦ ଲକ୍ଷ ଟଙ୍କା ବରାଦ ହୋଇଥିବା ବେଳେ ଶାଳିଆଝରିରୁ ଭୋବସର ବ୍ରିଜ୍ ନିର୍ମାଣ ଓ ଧବଳେଇ ଠାରୁ ବୁଢ଼ା ବୁଢିଆଣୀ, ଗୌଡ଼ପୁଟ ଓ ଯଦୁପୁରକୁ ସଂଯୋଗ କରୁଥିବା ରାସ୍ତାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ସନ୍ୟାସୀ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଭାଗବତ ସେଠୀ ଏବଂ ସସ୍ମିତା ପାତ୍ର ସରପଞ୍ଚ ପ୍ରମୁଖ ଓ ସମିତି ସଭ୍ୟମାନେ ଯୋଗଦେଇ ନିଜ ନିଜର ପ୍ରଶ୍ନ ରଖିଥିଲେ।

● ଶରଣକୁଳ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ୧-୦ ଗୋଲରେ ବରଗଡ଼ ବିଜୟୀ

ଶରଣକୁଳ,୧୮।୧୧(ସମିସ): ଶରଣକୁଳ ଲଡୁକେଶ ଆଥଲେଟିକ ଆସୋସିଏସନ ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ ଖେଳ ତାର୍ଜନ କ୍ଲବ କଟକ ଓ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ବରଗଡ଼ ତାର୍ଜନ କ୍ଲବ କଟକକୁ ୧ - ୦ ଗୋଲରେ ପରାସ୍ତ କରିଛି। ୨୩ ତମ



ମିନିଟରେ ବରଗଡ଼ ଦଳର ଭରତ ମୁଣ୍ଡା ବିପକ୍ଷ ଦଳର ଖେଳାଳିଙ୍କୁ କାବୁକରି ଗୋଲ ସ୍କୋରକରି ଦଳକୁ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ କଟକ ଦଳ ବହୁ ଚେଷ୍ଟା କରି ଗୋଲ ଟିକୁ ସୁଝାଇ ପାରି ନଥିଲେ। ଫଳରେ ବରଗଡ଼ ଦଳ ବିଜୟୀ ହୋଇଥିଲେ। ଜ୍ୟୋତି ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ରାଜୁ ମହାନ୍ତି, ଲାଇନରେ ଏବଂ ୪ର୍ଥ ରେଫରି ରୁପେ ଜଗନ୍ନାଥ ପରିଡା ସହାୟତା କରିଥିଲେ। ଆଜିର ଖେଳରେ ଶରଣକୁଳ ଜନସଂଗ୍ରାମ ପ୍ରେସ ପକ୍ଷରୁ ବରଗଡ଼ ଦଳର ଭରତ ମୁଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣାରେ ଏକ ହଜାର ଟଙ୍କା ସହିତ ଟ୍ରଫି ଦିଆ ଯାଇଥିଲା। ଅନୁଷ୍ଠାନ ସଭାପତି ସତ୍ୟନାରାୟଣ ପ୍ରଧାନ, ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ସମାଜସେବୀ ବିଭୁ ପ୍ରସାଦ ମିଶ୍ର, ଓ ପପୁ ପାତ୍ର ଅତିଥି ରୂପେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲିର ଖେଳ ଏମକେଏସସି ବିହାର ଓ ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ରବୀନ୍ଦ୍ର ଚୌଧୁରୀ ଜଣାଇଛନ୍ତି।

ଓଡ଼ଗାଁ ମାଣ୍ଡିଆ କେଲେଙ୍କାରୀ

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ

● ଦିଅଁ ଖାଇ ଖଟୁଲି ଖାଉଛି ଏନଜିଓ
● ଏନଜିଓଙ୍କୁ ଭିତିରିଆ ସହଯୋଗ

ନୟାଗଡ଼,୧୮।୧୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଶ୍ରୀ ଅନ୍ନ ଯୋଜନା ମହାଘୋଟାଲାକୁ ନେଇ 'ସକାଳ' ପକ୍ଷରୁ ଗ୍ରାଉଣ୍ଡ ଜିରୋରୁ ସ୍ଥିତି ସମୀକ୍ଷା କରାଯାଇଥିଲା। ଯାହାକୁ ନେଇ ଖବର ପ୍ରକାଶ ପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି। ଚଳିତ ବର୍ଷ ଏନଜିଓ ଗୁଡ଼ିକ ପ୍ରଦାନ କରିଥିବା ଚାଷୀ ତାଲିକା ଅନୁଯାୟୀ କୌଣସି ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇନାହିଁ। ଏହାକୁ ଆଜିଠାରୁ ସ୍ଥଗିତ ରଖାଗଲା ବୋଲି କହିଛନ୍ତି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି। ସୋମବାର ସକାଳ ପକ୍ଷରୁ ବିଭିନ୍ନ ଗାଁକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିବା ବେଳେ ସାଂଘାତିକ ଘଟଣା ସବୁ ନଜରକୁ ଆସିଥିଲା। ଆଦୌ ଚାଷ ନକରି ଗୋଟିଏ ପରିବାରର ୫ ଜଣ ଚାଷୀ ତାଲିକାରେ ରହିବା। ୫ଟି ପଞ୍ଚାୟତରେ ଆଦୌ ମାଣ୍ଡିଆ ଚାଷ ହୋଇନଥିବା ଜଣାପଡ଼ିଥିଲା। ଦୁଇ ଜଣ ଚାଷୀ ପାରମ୍ପରିକ ଭାବେ ଚାଷ କରିଥିବା ଦେଖାଯାଇଥିଲା। ଓଡ଼ଗାଁ ବ୍ଲକରେ ମାଣ୍ଡିଆ ଚାଷ ଦାୟିତ୍ୱ ନେଇଥିବା ଏନଜିଓ ଇ ସକୋ ସଲ୍ୟୁସନ୍ କିଭଳି କେଲେଙ୍କାରୀ କରିଛି, ତାହାର ପର୍ଦ୍ଦାଫାସ ହୋଇଥିଲା। ଗତବର୍ଷ ଏହି ଏନଜିଓ ଗୋଡ଼ିପଡ଼ା ସରପଞ୍ଚଙ୍କଠାରୁ ଆରମ୍ଭ କରି ଅନେକ ନକଲି ଚାଷୀଙ୍କ ନାଁ କୃଷି ବିଭାଗକୁ ପ୍ରଦାନ କରି ସାଂଘାତିକ କେଲେଙ୍କାରୀ କରିଥିଲା। ଚଳିତ ବର୍ଷ ମଧ୍ୟ ଏହି ଏନଜିଓ ସମାନ କେଲେଙ୍କାରୀ କରିଥିବା ଦେଖାଯାଇଥିଲା। ବିଭିନ୍ନ ଗାଁରେ ରହିଥିବା କିଛି କୃଷକ ସାଥି ଓ ଜନପ୍ରତିନିଧିଙ୍କୁ ହାତ କରି ଚାଷୀ ତାଲିକା ପ୍ରସ୍ତୁତ କରାଯାଉଥିବା ଏବଂ ସରକାରୀ ଅର୍ଥକୁ ଅପବ୍ୟୟ କରାଯାଉଥିବା ଦେଖାଯାଇଥିଲା। ନୟାଗଡ଼ ଜିଲ୍ଲାରେ ଶ୍ରୀ ଅନ୍ନ ଅଭିଯାନର ଧଜିଆ ଉଡ଼ାଇ ଏନଜିଓ କିଭଳି ଦିଅଁ ଖାଇ ଖଟୁଲି ଖାଉଛି, ତାହାର ପ୍ରମାଣ ସାମ୍ନାକୁ ଆସିଥିଲା। ଏନଜିଓ ପକ୍ଷରୁ କୃଷି ବିଭାଗକୁ ପ୍ରଦାନ ତାଲିକା ଅନୁସାରେ, ଅଧିକାଂଶ ଚାଷୀ ନିଜ ଜମି ବଦଳରେ ଭାଗଚାଷୀ ଭାବେ ଚାଷ କରୁଥିବା ଦର୍ଶା ଯାଇଛି। ତାଲିକାରେ ଯେଉଁ ଖାତା ନଂ ଓ ପ୍ଲଟ ନଂ ପକାଯାଇଛି, ତାହା ମଧ୍ୟରୁ ଅଧାରୁ ଅଧିକ ତାଳମେଳ ରହୁନାହିଁ। ଅନେକ ଚାଷୀଙ୍କ ଉକ୍ତ ପ୍ଲଟ ଧାନ ବିକ୍ରି ପାଇଁ ପଞ୍ଜିକରଣ ହୋଇଥିବା ଜଣାପଡ଼ିଛି। କୃଷି ବିଭାଗ ଏନଜିଓଙ୍କ ଉପରେ ଭରସା କରି ଏବେ ନଦୀରେ କୁମ୍ଭୀର ସହିତ କଳି କରିବା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା କୃଷି ବିଭାଗର କିଛି କର୍ମଚାରୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ଏନଜିଓଙ୍କ ଦ୍ୱାରା ଭିତିରିଆ ଲଡୁ ଖାଇ କର୍ମଚାରୀମାନେ ସତକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ସକାଳରେ ପ୍ରକାଶିତ ଖବରକୁ ନେଇ ଆଜି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଅନ୍ୟପକ୍ଷେ, ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ଏହି ଏନଜିଓ ଗୁଡ଼ିକୁ

### ଏନଜିଓଙ୍କୁ ବ୍ଲାକ୍‌ଲିଷ୍ଟ କରିବାକୁ ଦାବି

ନୟାଗ: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଶ୍ରୀ ଅନ୍ନ ଯୋଜନାରେ କେଲେଙ୍କାରୀ କରିଥିବା ଏନଜିଓଙ୍କୁ ବ୍ଲାକ ଲିଷ୍ଟ କରିବାକୁ ଦାବି ହେଉଛି। ଏନଜିଓ ଇ ଇକୋ ସଲ୍ୟୁସନ୍ ଗତବର୍ଷ ଏବଂ ଚଳିତ ବର୍ଷ ମାଣ୍ଡିଆ ଚାଷରେ ସାଂଘାତିକ କେଲେଙ୍କାରୀ କରିଛି। ଯାହା ଜଣାପଡ଼ିବା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି କେଲେଙ୍କାରୀ କରୁଥିବା ଏନଜିଓଙ୍କୁ କୃଷି ବିଭାଗ କାର୍ଯ୍ୟାନ୍ତର କରିବା ସହ ବ୍ଲାକ ଲିଷ୍ଟ କରିବାକୁ ଦାବି ହେଉଛି। ଚାଷୀଙ୍କ ସ୍ୱାର୍ଥ ବିରୋଧି କରୁଥିବା ସଂସ୍ଥାକୁ କୌଣସି ପରିସ୍ଥିତିରେ ଜିଲ୍ଲାରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯିବା ଉଚିତ ନୁହେଁ ବୋଲି ଜଣେ ଜିଲ୍ଲା ପରିଷଦ ସଦସ୍ୟ କହିଛନ୍ତି।

## ପ୍ରହସନ ପାଲଟିଛି ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ



ଗଣିଆ,୧୮।୧୧(ସମିସ): ୬ଷ୍ଠ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ବାଳିକାଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଛାତ୍ରୀମାନେ ବିଦ୍ୟାଳୟ ଯିବା ଆସିବା ସମୟରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ଆସେ ତାକୁ କିଭଳି ସମ୍ମୁଖୀନ ହେବେ ଏନେଇ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଯାହା ଫଳରେ ସେମାନେ ନିର୍ଯ୍ୟାତନାର ଶିକାର ହେବା ସମୟରେ ନିଜକୁ ରକ୍ଷା କରିପାରିବେ। ଏଥିପାଇଁ ଗଣିଆ ଶିକ୍ଷା ବିଭାଗ କାର୍ଯ୍ୟାଳୟ ତରଫରୁ ଗତ ୭ ତାରିଖରେ ଚିଠି କରାଯାଇ ଛାମୁଣ୍ଡିଆ ଏବଂ କରଡାପଡା ପଞ୍ଚାୟତର ୬ଟି ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୦ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଛାମୁଣ୍ଡିଆ ,ଡଙ୍କାରିସାହି ଏବଂ କାଦୁଆହଟିଆପଲ୍ଲୀ ସ୍କୁଲ ପାଇଁ ଆରପି ଭାବେ ଅଙ୍କିତା ରଣା ଏବଂ ଅଞ୍ଜଳୀ ଦଳେଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜେପି ସିଂ କରଡାପଡା, ଧୁଆଁମଡା ଏବଂ ନାରାୟଣ ପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଇଁ ଆରପି ଭାବେ କୁମୁଦିନୀ ଦେଇଙ୍କୁ ଆରପି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାରଙ୍କ ଗାଇଡଲାଇନରେ ଦୁଇଜଣ ଆରପି ଦେବା ପାଇଁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିବା ବେଳେ ଏହାର ବ୍ୟତିକ୍ରମ କିଭଳି କରାଗଲା। ଜଣେ ଆରପି ତିନୋଟି ସ୍କୁଲରେ କିଭଳି ତାଲିମ ପ୍ରଦାନ କରିବେ। ଛାତ୍ରୀମାନେ ତାଲିମ ନେବା ପାଇଁ ଏହି ଶିବିର ଆୟୋଜନ କରାଯାଇଛି ନା ପ୍ରହସନ ପାଲଟିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଉ ଗୋଟିଏ କଥା ଜଣେ ଆରପି ପାଇଁ ସରକାରଙ୍କ ତରଫରୁ ପାରିତୋଷିକ ବାବଦକୁ ୧୮୦୦ ଟଙ୍କା ପ୍ରଦାନ କରିବାକୁ ମଧ୍ୟ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିବା ବେଳେ ଜଣେ ଆରପିଙ୍କ ଅର୍ଥ କାହା ପକେଟ୍ ଗରମ ହେବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଗଣିଆ ବ୍ଲକରେ ଆହୁରି ୩/୪ ଜଣ ଆରପି(ରିସୋସ ପର୍ସନ) ଥିଲେ ମଧ୍ୟ ସେମାନଙ୍କୁ କାହିଁକି ଦାୟିତ୍ୱ ବଣ୍ଟନ କରାଯାଇନାହିଁ। ଏପରିକି ତାଲିମ ଶିବିର ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ଗାଇଡଲାଇନ ମଧ୍ୟ ପାଳନ କରାଯାଉନଥିବା ଅଭିଯୋଗ ହୋଇଛି। ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ବିନୋଦିନୀ ପଣ୍ଡାଙ୍କୁ ଉକ୍ତ ତାଲିମ ଶିବିର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ସେ କିଭଳି ଦାୟିତ୍ୱ ନିଭାଉଛନ୍ତି ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଜଣେ ଆରପି ନିଯୁକ୍ତି ପଛରେ ଅର୍ଥ ହଡପର ବାସ୍ନା ବାରିହୋଇ ପଡୁଥିବା ସ୍ପଷ୍ଟ ଜଣାପଡୁଛି। ଯଦି ଅର୍ଥ ହେରଫେର ପାଇଁ ଏସବୁ କରାଯାଇନାହିଁ ତେବେ ଜଣେ ଆରପି ନିଯୁକ୍ତିର କାରଣ କ'ଣ ବୋଲି ସାଧାରଣରେ ଆଲୋଚନା ହେଉଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପ୍ରସ୍ତୁତି ବୈଠକ

ନୟାଗଡ଼,୧୮।୧୧(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ। ଆସନ୍ତା ୨୭ ତାରିଖରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ୧୫ ରୁ ୨୯ ବର୍ଷ ବୟସ୍କ ଯୁବକ ଯୁବତୀଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ୭ ଗୋଟି ପ୍ରତିଯୋଗୀତାରେ ଭାଗନେବାକୁ ସ୍ଥିର କରାଯାଇଛି। ବିଜ୍ଞାନ ମେଳା, ଲୋକ ସଙ୍ଗିତ, ଲୋକନୃତ୍ୟ ଦଳଗତ ହୋଇଥିବା ବେଳେ ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରକଳାରେ ଜଣେ ଜଣେ ଭାଗ ନେଇପାରିବେ। ସେଥିପାଇଁ ପୁରସ୍କାର ରହିଛି। ଦଳଗତ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ୧୦ ହଜାର, ୭ ହଜାର ୫ ଶହ , ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିପରି ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରକଳାରେ ପ୍ରଥମ, ଦ୍ୱତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ୩ ହଜାର, ୨ ହଜାର, ୧ ହଜାର ଟଙ୍କା ପୁରସ୍କୃତ କରାଯିବାର ବ୍ୟବସ୍ଥା ଅଛି। ଏଥିପାଇଁ ଇଚ୍ଛୁକ ଯୁବକ ଯୁବତୀ ବିଡିଓଙ୍କ ଅଧିନରେ ନିଜର ନାମ ପଞ୍ଜିକୃତ କରି ପାରିବେ ବୋଲି କୁହାଯାଇଛି। ଏହି ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ୩୯ ହଜାର ତଣ୍ଡ ଗଣିଲେ ଅମାନିଆ ଚାଳକ

ଓଡ଼ଗାଁ,୧୮।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଞ୍ଚଳରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ଓଡ଼ଗାଁ ପୁଲିସ୍ ନଜର ରଖିଥିବା ବେଳେ ସୋମବାର ଏବଂ ମଙ୍ଗଳବାର ୨ ଦିନରେ ୩୯ ହଜାର ଟଙ୍କାର ଚାଲାଣ କଟାଯାଇଥିବା ଜଣାପଡ଼ିଛି। ସାଧାରଣତଃ ହେଲମେଟ ବ୍ୟବହାର କରିନଥିବା, ଅନ୍ୟ ନାମରେ ଥିବା ଗାଡ଼ି ଚଳାଉଥିବା ବେଳେ ଗାଡ଼ି ମାଲିକର ପ୍ରମାଣ ଦେଇ ପାରୁନଥିବା ଏବଂ ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର କରୁଥିବା ଚାଳକଙ୍କ ଉପରେ ଜରିମାନା କରାଯାଇଛି। ଓଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଚକ୍ରଧର ସିଂଙ୍କ ନେତୃତ୍ୱରେ ଏଏସଆଇ ଟିଟୁବାଳା ବେହେରାଙ୍କ ସହିତ ଅନ୍ୟ ପୁଲିସ କର୍ମଚାରୀ ୨ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ମଙ୍ଗଳବାର ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାରକାରୀଙ୍କ ଠାରୁ ୭ ହଜାର ୫ଶହ ଟଙ୍କା ଜରିମାନା କଟାଯାଇଥିଲା।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ଓଡ଼ଗାଁ,୧୮।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନୂଆଗାଁ ବ୍ଲକ୍ ବେରୁଆବାରୀ ପଞ୍ଚାୟତର ବନ୍ଧା ଭୁଇଁ ଗ୍ରାମର ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ଅନୁସାରେ ନୂଆଗାଁ ବ୍ଲକ ଅନ୍ତର୍ଗତ ବେରୁଆବାରୀ ପଞ୍ଚାୟତ ବନ୍ଧା ଭୂଇଁ ଗ୍ରାମର ଯୁବ ବ୍ୟବସାୟୀ ବାବୁଲା ସାହୁ (୪୫) ସକାଳେ ଜମିବାଡ଼ି କାର୍ଯ୍ୟ ସାରି ବ୍ୟବସାୟକୁ ଯିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ। ତେବେ ଖାଇବା ସ୍ଥାନରେ ହଠାତ୍ ଟଳିପଡ଼ିଥିଲେ। ପରିବାର ଲୋକେ ତାକୁ ତୁରନ୍ତ ବାହାଡ଼ା ଝୋଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ତାଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା। ସମିତି ସଭ୍ୟ କେଦାର ସେଠୀ, ଯୁବ ସମାଜ ସେବୀ ସନାତନ ବେହେରାଙ୍କ ସହ ବହୁ ଜଣାଶୁଣା ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ବିଧବା ପତ୍ନୀ, ଜଣେ ପୁଅ ଓ ଜଣେ ଝିଅ ରହିଥିବା ଜଣାପଡ଼ିଛି। ସେହିପରି ବାହାଡ଼ାଝୋଲା ପଞ୍ଚାୟତ ସାହିର ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ (୬୨) ଗତକାଲି ସନ୍ଧ୍ୟାରେ ଟିଉସନ ସାରି ଘରେ ପାଣି ପିଉଥିବା ସମୟରେ ଅଚାନକ ଟଳି ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଟର୍ ଭାଙ୍ଗି ଟାୟାର ଚୋରି

ରଣପୁର,୧୮।୧୧(ସମିସ): ରାଜସୁନାଖଳା ବସ୍‌ଷ୍ଟାଣ୍ଡ ନିକଟ ଏକ ଟାୟାର ଦୋକାନରୁ ସଟର ଭାଙ୍ଗି ଦୁର୍ବୃତ୍ତମାନେ ଟାୟାର ଚୋରି କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ମଦ୍ୟ ନେଇଯାଇଥିବା ଅଭିଯୋଗ ହୋଇଛି। ଗତ କାଲି ବିଳମ୍ବିତ ରାତ୍ରୀରେ ଏହି ଚୋରି ହୋଇଛି। ଟ୍ରାକ୍ଟର ଟାୟାରକୁ ନେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଓଜନ ଅଧିକ ଥିବାରୁ ନେବାରେ ବିଫଳ ହୋଇଥିବା ଜଣାପଡ଼ିଛି। ଦୋକାନରେ ଲାଗି ଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଦୋକାନ ପାଖରେ ଥିବା ବିଲରେ ଫିଙ୍ଗି ଦେଇଛନ୍ତି। ଏପରିକି ହାର୍ଡଡିସ୍କକୁ ନେଇଯାଇଛନ୍ତି। ଚୋରି ହେଇ ଥିବା ଟାୟାରର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଚୋରି କରି ଥିବା ଚୋର ଧରା ପଡ଼ି ନଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

● ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

## ଭୋକ ଉପାସରେ ଫେରିଲେ ଲୋକେ



ଖଣ୍ଡପଡ଼ା,୧୮।୧୧(ସମିସ): ଖଣ୍ଡପଡ଼ା ବ୍ଲକ୍ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱରଂଜନ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ବୃହତ ମେଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇ ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବସନ୍ତ କୁମାର ବେହେରା, ଖଣ୍ଡପଡ଼ା ବିଡିଓ ଅଂକୁର ଅଭିଳାଷ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବ୍ଲକର ଶ୍ରେଷ୍ଠ ପ୍ରାଣୀ ସମ୍ପଦ କୃଷକ ଭାବେ ଯମୁନା ବେହେରା, ତୁଳସୀ ବାଲିଆ, ନିର୍ମଳା ନାୟକ, ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠି ଢୋଲମରା ସମ୍ମାନୀତ ହୋଇଥିଲେ। ସେହିପରି ମତ୍ସ୍ୟ ବିଭାଗ କୃଷକ ଭାବେ ସୋନାଲି ମଲ୍ଲ, ହରଷ ରାଉତ, ପ୍ରମିଳା ଜେନା, ମା ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠି ନଟବରପୁର ଶାସନ ସମ୍ମାନିତ ହୋଇଥିବା ମାଛ ଚାଷ ପାଇଁ କଣ୍ଟିଲୋ ଅନନ୍ୟା ସ୍ୱୟଂ ସହାୟକ ଗୋଷ୍ଠିକୁ ଚେକ ପ୍ରଦାନ କରାଯାଇଛି। ଭିଏଏସ ଡ଼ଃ ରାଜଶ୍ରୀ ବିଶୋଇ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶତାଧିକ ଲୋକଙ୍କୁ ଅବ୍ୟବସ୍ଥାରେ ଧାଡ଼ିରେ ଛିଡା କରାଇ ଖାଦ୍ୟ ଦେଇଥିବା ବେଳେ ଖାଦ୍ୟ କମ ପଡ଼ିବାରୁ ଅନେକ ମହିଳା ଓ ପୁରୁଷ ଭୋକ ଉପାସରେ ବିରକ୍ତ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା।

ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

# ସଭାପତିଙ୍କ ଅନୁପସ୍ଥିତି ନେଇ ଚାପା ଅସନ୍ତୋଷ

ନୟାଗଡ଼,୧୮।୧୧(ସମିସ)




● ନୟାଗଡ଼ ସମବାୟରେ ସମନ୍ୱୟ ଅଭାବ
● ପ୍ରଶ୍ନବାଣରେ ଘାଇଲା ବ୍ୟାଙ୍କ ସମ୍ପାଦକ

ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଆଜି ସୃଜନ ସଭାଗୃହରେ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମବାୟ ଉପନିବନ୍ଧକ ଅନନ୍ତ ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ, ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅନୀଲ କୁମାର ରାଉତ, ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ପ୍ରମୂଖ ଉପସ୍ଥିତ ରହିଥିଲେ। ସଭା ଆରମ୍ଭରୁ ଚାପା ଅସନ୍ତୋଷ ଓ ବାକବିତଣ୍ଡା ଦେଖିବାକୁ ମିଳିଥିଲା। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ୟାକ୍ସ ସଭାପତି ପ୍ରଶ୍ନ କରିଥିଲେ। ଜନପ୍ରତିନିଧିଙ୍କୁ ଅସମ୍ମାନ କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ମୁଖ୍ୟ ଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅନୁପସ୍ଥିତିରେ କିଭଳି ସଭା କରାଯିବ ବୋଲି ପ୍ରଶ୍ନ ଉଠାଇଥିଲେ। ଡିଆରସିଏସ୍ ଶ୍ରୀଯୁକ୍ତ ନାୟକ ସ୍ୱାଗତ ଅଭିଭାଷଣ ରଖିବା ସମୟରେ ବିରୋଧ ମଧ୍ୟ କରାଯାଇଥିଲା। ସେହିଭଳି ଭାବେ ବ୍ୟାଙ୍କ ସମ୍ପାଦକ ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ନୟାଗଡ଼ ପାଇଁ କଣ କରିଛ ବୋଲି ପ୍ରଶ୍ନ ଶୁଣିବାକୁ ମିଳିଥିଲା। ଋଣ ଲଗାଣ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ପ୍ୟାକ୍ସ ସଭାପତିମାନେ ସମ୍ପାଦକଙ୍କୁ ଘାଇଲା କରିଥିଲେ। ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚାଷୀଙ୍କ ଅଭିବୃଦ୍ଧିରେ ସମବାୟ ସହାୟକ ହୁଏ ବୋଲି କହିଥିଲେ। ଉପଜିଲ୍ଲାପାଳ ସମବାୟରେ ସମନ୍ୱୟ ଅଭାବ ରହିଥିବା କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନୟାଗଡ଼ ଜିଲ୍ଲାର ସମବାୟ ବିବାଦ ସମସ୍ତଙ୍କୁ ବ୍ୟଥିତ କରୁଥିବା କହିଥିଲେ। ଏହାକୁ ଆଲୋଚନା ଦ୍ୱାରା ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ବଜେଟ୍ ଓଡ଼ିଶାରେ ଥିବା ଅନ୍ୟ ସମବାୟ ବ୍ୟାଙ୍କ ଠାରୁ ବହୁତ ଭଲ ଅଛି। ପ୍ୟାକ୍ସ ଗୁଡ଼ିକର ଉନ୍ନତି ପାଇଁ ମହାରାଷ୍ଟ୍ର ଓ ଗୁଜୁରାଟକୁ ଏକ୍ସପୋଜର ଭିଜିଟ୍ କରାଗଲେ ସେମାନେ ଅଧିକ ସୁଦୃଢ଼ ହୋଇପାରିବେ। ସମବାୟ ସମିତି ଯେଉଁ ଉଦ୍ଦେଶ୍ୟ ନେଇ ଗଢ଼ା ହୋଇଛି ତାହା କେବଳ ପ୍ରଶାସନ ନୁହେଁ ଡଃ ବାବାସାହେବ ଆମ୍ବେଦକରଙ୍କ ଆହ୍ୱାନ ଅନୁସାରେ ରାଜନୈତିକ ହସ୍ତକ୍ଷେପର ଆବଶ୍ୟକ ଅଛି। ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ଯେତିକି, ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ ସେତିକି ବୋଲି କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କୃଷକମାନଙ୍କ ପାଇଁ ଦୁଗ୍ଧ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ଓଡ଼ଗାଁ ବ୍ଲକର ଚଢ଼େୟାପଲ୍ଲୀ ପ୍ରାଥମିକ କୃଷି ସମବାୟ ସମିତିକୁ ପୁରସ୍କାର ଏବଂ ଆବଶ୍ୟକୀୟ ସରଞ୍ଜାମ ପ୍ରଦାନ କରାଯାଇଥିଲା। ବୁଣାକାରଙ୍କ ହିତସାଧନ ପାଇଁ କଳିଙ୍ଗ ତନ୍ତୁବାୟ ସହଯୋଗ ସମିତ, ଲାଠିପଡ଼ାକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାର ସମବାୟବିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ନୂତନ କୃଷି ସମବାୟ ସମିତିକୁ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ବିଧାୟକ ଶେଷ ସମୟରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ସମବାୟ ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀ ସହଯୋଗ କରିଥିଲେ। ଜିଲ୍ଲାର ଅଧିକାଂଶ ପ୍ୟାକ୍ସ ସଭାପତି, ସମ୍ପାଦକ ଓ ଡିଇଓ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିଲେ।



ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଡ଼ ବଜାର ଝଲକ ପରିବାର ତରଫରୁ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

### ନାବାଳିକା ଛାତ୍ରୀ ଅପହରଣ ଘଟଣାକୁ ବିତିଲା ୧୦ ଦିନ

# ପୁଲିସର ନିରବତାକୁ ନେଇ ଉଠିଲା ପ୍ରଶ୍ନ

ଖୋର୍ଦ୍ଧା,୧୮।୧୧(ସମିସ)

ଜଣେ ୧୬ବର୍ଷୀୟ ନାବାଳିକା କଲେଜ ଛାତ୍ରୀ ଅପହରଣକୁ ୧୦ ଦିନ ବିତିଲାଣି। ଥାନାରେ ଅଭିଯୋଗ ପରେ ବି ପୁଲିସର ନିଷ୍କ୍ରିୟତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ପୁଣି ଖୋର୍ଦ୍ଧାରେ ଲଭ ଜିହାଦ ଅଭିଯୋଗ ଆଣିଛି ହିନ୍ଦୁ ଜାଗରଣ ମଞ୍ଚ। ଏ ନେଇ ମଞ୍ଚ ପକ୍ଷରୁ ରାଜ୍ୟ ସଂଯୋଜକ ଆଶିଷ ବିଭୂରେନ୍ଦ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଗତ ୮ତାରିଖରେ ନାବାଳିକା ଜଣକ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରି ବିଫଳ ହେବା ପରେ ପରଦିନ ଅର୍ଥାତ ୯ତାରିଖରେ ପ୍ରଥମେ ସିକୋ ଫାଣ୍ଡି, ୧୦ ତାରିଖରେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**● ସୋସିଆଲ ମିଡିଆରେ ନାବାଳିକାଙ୍କ ଭିଡିଓ ଭାଇରାଲ**

ସେ ଘରୁ ବାହାରି ଯିବା ବେଳେ ସାଥିରେ କଲେଜ ବ୍ୟାଗ, ସାଇକଲ ଏବଂ ମୋବାଇଲ ଫୋନ ରହିଥିଲା। ୧୦ ତାରିଖ ସକାଳ ୧୦ଟାରେ ସେ ଫୋନ କରି ପଙ୍ଗାରସିଂ ଗ୍ରାମରେ ଜନୈକ ପରିବାର ରେ ରହିଥିବା ବାପାଙ୍କୁ କହିଥିଲେ। ମାତ୍ର ଏହା ପରଠାରୁ ତାଙ୍କ ମୋବାଇଲ ସୁଇଚ ଅଫ୍ ହୋଇଯାଇଥିଲା। ସେ ଫୋନ କରିବା ସମୟରେ ୨ଜଣ ଯୁବକଙ୍କ ନାଁ ନେଇଥିଲା, ସେମାନେ ତାଙ୍କୁ ଅପହରଣ କରିନେଇଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ ବାପାମାଆ। ଏ ନେଇ ଜଙ୍କିଆ ଥାନାରେ ଗତ ୧୧ ତାରିଖରେ ଏକ ମାମଲା ରୁଜୁ ହୋଇଥିବାବେଳେ ମଙ୍ଗଳବାର ମାତାପିତା ପୁଣି ଥରେ ଥାନାରେ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ସେଥିରେ ଦର୍ଶାଇଛନ୍ତି ଯେ, ଜନୈକ ବ୍ୟକ୍ତି ନିଜ ଫେସବୁକ୍ ଆକାଉଣ୍ଟରେ ତାଙ୍କ ଝିଅର ଲାଇଭ ଭିଡିଓ କରି ସେ ନିଜ ଇଚ୍ଛାରେ ଏଠାକୁ ଆସିଥିବା ଏବଂ ମାତାପିତା ତାଙ୍କୁ ନ ଖୋଜିବା ପାଇଁ ଜବରଦସ୍ତ ଏକ ଭିଡିଓ କରାଇ ଭାଇରାଲ କରିଛନ୍ତି।

ଏ ସମସ୍ତ ଘଟଣା ସମ୍ବେଦନଶୀଳ ଥିଲେ ମଧ୍ୟ ପୁଲିସ ତଦନ୍ତ ରେ କୋହଳ ମନୋଭାବକୁ ପିତାମାତା ଦାୟୀ କରିବା ସହ ହିନ୍ଦୁ ଜାଗରଣ ମଂଚ ପୁଲିସର କାର୍ଯ୍ୟଶୈଳୀକୁ ପ୍ରଶ୍ନ କରିଛି। ମଂଚର ଅଭିଯୋଗ ଅନୁସାରେ, ଏହି ଘଟଣାକୁ ଅତି ହାଲୁକା ଭାବେ ଗ୍ରହଣ କରି ଜଙ୍କିଆ ପୁଲିସ ମାମଲା ରୁଜୁ କରି ଚୁପ ବସିଛି। ଭାଇରାଲ ଭିଡିଓ କ୍ଲିପ୍‌କୁ ଜଙ୍କିଆ ପୁଲିସ ଏବଂ ସଦର ଏସଡିପିଓଙ୍କୁ ଦିଆଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଏବଂ ପ୍ରମାଣ ଦିଆଯିବା ସତ୍ୱେ ପୁଲିସ କାହିଁକି ନିରବ ଏବଂ କାହା ଚାପରେ ବୋଲି ମଞ୍ଚ ଅଭିଯୋଗ କରିଛି। ତୁରନ୍ତ ନାବାଳିକାଙ୍କୁ ଉଦ୍ଧାର ଏବଂ ସଂପୃକ୍ତ ଯୁବକ, ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଏସପି ଶ୍ରୀ ମହାନ୍ତି କୁହନ୍ତି ଘଟଣାକୁ ଗୁରୁତ୍ୱର ସହ ପୁଲିସ ନେଇଛି। ତୁରନ୍ତ ନାବାଳିକାଙ୍କୁ ଖୋଜିବା ପାଇଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି।

## ପୂର୍ବତନ ମହିଳା ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା

ବେଗୁନିଆ,୧୮।୧୧(ସମିସ): ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ଓଷା ମାଣିକଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ ସାହୁ, କଂଗ୍ରେସର ପୂର୍ବତନ ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଜେଡ଼ି ସଭାପତି ପ୍ରଶାନ୍ତ ବେହେରା, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ପୂର୍ବତନ ସରପଞ୍ଚ ସରପଞ୍ଚ ସଦାଶିବ ବରିଶଲ, ଲକ୍ଷ୍ମୀଧର ସାମନ୍ତରାୟ ଓ ସମିତିସଭ୍ୟ ଧନେଶ୍ୱର ସାହୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପୁତ୍ର ସୁଦର୍ଶନ ମାଣିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ଟାଙ୍ଗୀ,୧୮।୧୧(ସମିସ): କନ୍ଧ ନୟାଗଡ଼ସ୍ଥିତ ରଘୁ ଦିବାକର ସରକାରୀ ଉଚ୍ଚବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନସେଲିଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚାନ୍ଦପୁର ଥାନା ଆରକ୍ଷୀ ନୀରିକ୍ଷକ ଦିଲ୍ଲୀପ ସ୍ୱାଇଁ, ମୁଖ୍ୟ ବକ୍ତା ଭାବରେ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ, ସିଆରସିସି ପବିତ୍ର ପ୍ରଧାନ ଯୋଗଦେଇ ଉପାଦେୟ ପରାମର୍ଶ ଦେଇଥିଲେ। ବିଜ୍ଞାନଶିକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତରାୟ ପରିଚୟ ପ୍ରଦାନ ଓ ଆଭିମୁଖ୍ୟ ସଂପର୍କରେ ଅଭିମତ ରଖିଥିଲେ। ଶିକ୍ଷୟିତ୍ରୀ ମଂଜୁଲତା ପଟନାୟକ ଧନ୍ୟବାଦ ଦେଇଥିଲେ। ଉକ୍ତ କାଉନସେଲିଂରେ ୮୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବାଘମାରୀ ଥାନାକୁ ପିସିଆର ଭ୍ୟାନ ଯୋଗାଇବା ଦାବି

ବେଗୁନିଆ,୧୮।୧୧(ସମିସ): ବେଗୁନିଆ ବ୍ଲକରେ ୨୦୧୯ ମସିହାରେ ବାଘମାରୀ ଥାନା ପ୍ରତିଷ୍ଠା ହୋଇ ଅପରାଧିକ କାର୍ଯ୍ୟକଳାପ ରୋକିବାରେ ପୁଲିସ ସମସ୍ତଙ୍କ ନିକଟରେ ଆସ୍ଥା ଭାଜନ ହୋଇ ପାରିଛି। ତେବେ ଆପତକାଳୀନ ସେବା ପାଇଁ ୧୧୨ ପିସିଆର ଭ୍ୟାନ ସହ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଯୋଗାଇ ଦେବାକୁ ସମାଜସେବୀ ସନ୍ତୋଷ ପଣ୍ଡାଙ୍କ ସମେତ ଜନ ସାଧାରଣ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୂର୍ବରୁ ଟାଙ୍ଗୀ ଓ ବେଗୁନିଆ ଥାନାକୁ ପିସିଆର ଭ୍ୟାନ ଯୋଗାଇ ଦିଆଯାଇଥିବାବେଳେ ବାଘମାରୀ ଥାନାକୁ ତୁରନ୍ତ ପିସିଆର ଭ୍ୟାନ ଯୋଗାଇବାକୁ ସଚେତନ ନାଗରିକ ଦାବି କରିଛନ୍ତି।

## ଷ୍ଟେସନ୍‌ରୁ ଗଞ୍ଜେଇ ଜବତ, ଦୁଇ ମହିଳା ଗିରଫ

ଜଟଣୀ, ୧୮।୧୧(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ କରିଛି ପୁଲିସ। ଏହି ଘଟଣାରେ ଦୁଇ ଜଣ ମହିଳା ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଲକ୍ଷ୍ନୌ ଜିଲ୍ଲା ତଲକୋଟରା ଥାନା ଅଞ୍ଚଳର ସୁମନ (୩୧) ଓ ରଜନୀ (୨୦)। ସେମାନଙ୍କ ନିକଟରୁ ୨୮ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ପୁଲିସ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ର ୪ ନମ୍ବର ପ୍ଲାଟଫର୍ମରେ ଗଞ୍ଜେଇ ବ୍ୟାଗ୍ ଧରି ଅଭିଯୁକ୍ତ ଦୁହେଁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ପୁଲିସ ସନ୍ଦେହ ହେବାରୁ ପଚରାଉଚରା କରିଥିଲା ଏବଂ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ପରେ ଉଭୟଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସେମାନେ ଗଞ୍ଜେଇକୁ ଜଣେ ବେପାରୀଠୁ ଆଣି ଦିଲ୍ଲୀ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ଖୋର୍ଦ୍ଧାରୋଡ୍ ଜିଆରପି ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ଜାଲରୁ ୬ ଫୁଟର ରଣା ସାପ ଉଦ୍ଧାର



ନିରାକାରପୁର,୧୮।୧୧: ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ବାଲିଗାଡିଆ ଗ୍ରାମର ତ୍ରିନାଥ ଚମ୍ପତିଙ୍କ ମାଛ ଜାଲରୁ ଏକ ୬ ଫୁଟ ଲମ୍ବର ରଣା ସାପ ଉଦ୍ଧାର ହୋଇଛି। ତ୍ରିନାଥ ନିଜ ଜାଲରେ ରଣା ସାପ ପଡିଥିବାର ଦେଖି ବଘେଇପୁଟ ସାପ ଉଦ୍ଧାରକାରୀ ବସନ୍ତ ବେହେରାଙ୍କୁ ଖବର ଦେଇଥିଲେ। ପରେ ଶ୍ରୀ ବେହେରା ପହଞ୍ଚି ସାପକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ିଥିବା ସୂଚନା ମିଳିଛି।

## ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ବେଗୁନିଆ,୧୮।୧୧(ସମିସ): ବେଗୁନିଆ ବ୍ଲକ କଣ୍ଠାବାଡ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ପକ୍ଷରୁ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାତୃଭାରତୀ ସଭାପତି ସୋନାଲି ହୋତାଙ୍କ ଅଧ୍ୟକ୍ଷତା ଓ ଆଚାର୍ଯ୍ୟା ଭାନୁମତୀ ବେହେରାଙ୍କ ସଂଯୋଜନାରେ ପ୍ରଜ୍ଞାସ୍ମିତା ଆଚାର୍ଯ୍ୟ,ପରିଚାଳନା କମିଟି ଉପସଭାପତି ରାଜଶ୍ରୀ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଓ ସୁଗୃହିଣୀ ମମତା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟା ମମତାରାଣୀ ସାହୁ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେବା ପରେ ଆଚାର୍ଯ୍ୟା ଯାଜ୍ଞସେନୀ ହୋତା ଅତିଥି ପରିଚୟ ଓ ଆଚାର୍ଯ୍ୟା ଶୁଭସ୍ମିତା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଶୁଭଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ; ଅରିସଲ ଓ ଶୁଆଙ୍ଗ ବିଜୟୀ

ଖୋର୍ଦ୍ଧା,୧୮।୧୧(ସମିସ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଅରିସଲ ଦଳ କଲ୍ୟାଣପୁରକୁ ୪ ୱିକେଟ ରେ ପରାସ୍ତ କରିଛି। କଲ୍ୟାଣପୁର ଦଳ ପ୍ରଥମେ ବ୍ୟାଟିଂ କରି ପି.ସାମନ୍ତରାୟଙ୍କ ୬୩ ରନ ସହାୟତାରେ ୧୬୧ ରନ ସଂଗ୍ରହ କରିଥିଲେ। ଜବାବରେ ଅରିସାଲ ଦଳ ପ୍ରବୀଣ ପରିଡା ଙ୍କ ୬୯ରନ୍ ସହାୟତା ରେ ୧୪ ଓଭର ୬ୱିକେଟ ହରାଇ ୧୬୭ ରନ୍ କରି ବିଜେତା ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ପ୍ରବୀନ ପରିଡା ପୁରସ୍କୃତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚରେ ଶୁଆଙ୍ଗ ଦଳ ଭାଲିଆବାଡି ଦଳକୁ ୩୫ ରନ ରେ ପରାଜିତ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଶୁଆଙ୍ଗ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ। ଜବାବରେ ଭାଲିଆବାଡ଼ି ଦଳ ୧୫ ଓଭରରେ ୮ ଉିକେଟ ହରାଇ ୧୦୮ ରନରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଶୁଆଙ୍ଗ ଦଳର ବିଶ୍ୱଜିତ ମହାନ୍ତିଙ୍କୁ ଅମରେନ୍ଦ୍ର ବରାଳ ଓ ନରେନ୍ଦ୍ର ବରାଳ ପୁରସ୍କୃତ କରିଥିଲ। ଖେଳକୁ ସାନୁଜ ବିଶ୍ୱାଳ, ବି.ବି. ରାଉତରାୟ, ଶୋଭାକାର ପାତ୍ର ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ପରିଚାଳନା କରୁଥିଲେ।

## ଫେରିପାଇଲେ ଚୋରି ବାଇକ୍




ନିରାକାରପୁର,୧୮।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳରୁ ଚୋରି ଯାଇଥିବା ଏକ ବାଇକକୁ ନିରାକାରପୁର ପୁଲିସ ଉଦ୍ଧାର କରି ଗାଡି ମାଲିକଙ୍କ ଜିମା ଦେଇଛି। ନରେନ୍ଦ୍ରପୁର ସାହିର ସୋମନାଥ ପ୍ରଧାନଙ୍କ ଓଡି ୦୨ଏଭି ୦୮୦୯ ନମ୍ବର ଗାଡ଼ି ଉକ୍ତ ଅଞ୍ଚଳରୁ ଚୋରି ହୋଇଯାଇଥିଲା। ପରେ ନିରାକାରପୁର ଥାନା ପୁଲିସ ଅନୁସନ୍ଧାନ କରି ଗାଡିକୁ ଗଡଶିଗଦା ଅନ୍ତର୍ଗତ କଉଡ଼ିଖୁଣି ଗ୍ରାମରୁ ଉଦ୍ଧାର କରି ସୋମନାଥଙ୍କୁ ହସ୍ତାନ୍ତର କରିଛି। ଏହି ସ୍ୱତନ୍ତ୍ର ଅଭିଯାନକୁ ଆଇଆଇସି ବିଶ୍ୱଜିତ୍ ରାଉତରାୟ ନିର୍ଦ୍ଦେଶରେ ଏସଆଇ ଦୀପାଲିଶା ନାୟକ ସଫଳ କରାଇଥିଲେ।

## ଜୀବନ ବୀମା ପଲିସିରେ ଅନ୍ତର୍ଭୁକ୍ତ ହେଲେ ୮ ହଜାର ଚାଷୀ

ନିରାକାରପୁର,୧୮।୧୧ (ସମିସ): କେନ୍ଦ୍ର ସମବାୟ ବ୍ୟାଙ୍କ୍ ତରଫରୁ ଚଳିତ ୨୦୨୫-୨୬ ବର୍ଷରେ ଜିଲ୍ଲାର ସମସ୍ତ ଚାଷ ଋଣଧାରୀଙ୍କ ପାଇଁ ବର୍ଷକୁ ଥରେ ୨୨.୫୦ ଟଙ୍କା ଦେଇ ଜୀବନ ବୀମା କରିବା ପାଇଁ ସମସ୍ତ ଶାଖା ପରିଚାଳକ ଏବଂ ସମିତି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସମବାୟ ବ୍ୟାଙ୍କ୍ ରୟାଲ ସୁନ୍ଦରମ ଜିଆଇସି ଲିମିଟେଡ ସହିତ ଏକ ଚୁକ୍ତିପତ୍ର କରିଛି ଏହାକୁ ଜିଲ୍ଲା ଭିତ୍ତୀୟ ନିୟମ କାର୍ଯ୍ୟକାରୀ ଏବଂ ସଫଳ ରୂପାୟନ କରିବା ପାଇଁ ବ୍ୟାଙ୍କିଂ ଆସିଷ୍ଟାଣ୍ଟ ନୋଡାଲ ଅଧିକାରୀ ରୂପରେ ଦାୟିତ୍ୱ ଦିଆଯାଇଛି। ଜଣେ ଚାଷୀ ଖରିଫ୍ ହେଉ ବା ରବି ଋଣ ନୂଆ ଏବଂ ନବୀକରଣ କଲାବେଳେ ଯଦି ବର୍ଷକୁ ଥରେ ୨୨ଟଙ୍କା ୫୦ ପଇସା ଦେଇ ବୀମା କରିବାକୁ ପଡ଼ିବ ସେ ପଇସା ସେ ନିଜେ ସମିତିରେ ଦାଖଲ କଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାଭୁକ୍ତ ହୋଇପାରିବେ। ଏ ବାବଦରେ ଟାଙ୍ଗୀ ସମବାୟ ବ୍ୟାଙ୍କ୍ ଶାଖା ପରିଚାଳକ ଶୁଭାଶିଷ ରାୟ କହିଛନ୍ତି ପିଆଇଏଏସ ପଲିସଟି ଚକିତ ବର୍ଷ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଛି। ଟାଙ୍ଗୀ ଶାଖା ଅଧୀନରେ ୨୧ ସମିତି କାର୍ଯ୍ୟ କରୁଅଛି ଏବଂ ଚଳିତ ବର୍ଷ ଖରିଫ୍‌ରେ ମୋଟ ଟାଙ୍ଗୀ ବ୍ଲକ୍‌ରୁ ପ୍ରାୟ ୮୦୦୦ ଚାଷୀ ଏହି ପଲିସିରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି।

## ବ୍ଲକସ୍ତରୀୟ ଫୁଟବଲ ଓ କ୍ରିକେଟ ପ୍ରତିଯୋଗିତା

ଟାଙ୍ଗୀ,୧୮।୧୧(ସମିସ) : ଟାଙ୍ଗୀ ବ୍ଲକ ବିଦ୍ୟାଳୟ ସ୍ତରୀୟ ଫୁଟବଲ ଓ କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ବଳରାମ ଦେବ ବିଦ୍ୟାପୀଠ ଚିଲିକା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବରିଷ୍ଠ ଶିକ୍ଷକ ବିଶ୍ୱଜିତ ପଲାଇ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ଲକର ସୁନାମ ଅର୍ଜନ କରିବା ପାଇଁ ଖେଳାଳୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ କ୍ରୀଡା ସଂଘ ସମ୍ପାଦକ ଗୀତାଂଶୁ ଶେଖର ମହାନ୍ତି ପ୍ରତିଯୋଗିତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଫୁଟବଲ (ବାଳକ,ବାଳିକା), କ୍ରିକେଟ (ବାଳକ) ଦଳ ଚୟନ କରାଯାଇ ଟାଙ୍ଗୀ ବ୍ଲକ ତରଫରୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସମ୍ପାଦକ ସୂଚନା ଦେଇଥିଲେ। ପ୍ରତିଯୋଗିତାକୁ ସହ ସମ୍ପାଦକ ମଂଜୁବାଳା ଚମ୍ପତିରାୟ, ନିରଂଜନ ସାହୁ ସଂଯୋଜନା କରିଥିଲେ। କ୍ରୀଡା ଶିକ୍ଷକ ପୂର୍ଣ୍ଣବ୍ରତ ମହାପାତ୍ର, ପ୍ରିତମ ପଟ୍ଟନାୟକ, କ୍ରୀଡା ଶିକ୍ଷୟତ୍ରୀ ଲିଲି ପ୍ରଧାନ,ରଶ୍ମିତା ମହାକୁଡ, ତିଳୋତମା ଜେନା ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ଲକ୍ଷ୍ମୀଧର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ସାଇକଲରେ ହରିୟାଣାରୁ ଶ୍ରୀକ୍ଷେତ୍ର ଯାତ୍ରା



ଜଙ୍କିଆ,୧୮।୧୧(ସମିସ): ଗତବର୍ଷ ସେପ୍ଟେମ୍ବର ୧୦ରୁ ହରିୟାଣାର ରାହୁଲ ନାମକ ଜଣେ ୨୭ବର୍ଷ ବୟସ୍କ ଯୁବକ ନିଜର ସାଇକଲରେ ନିତ୍ୟ ବ୍ୟବହାର ଜିନିଷ ରଖି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରି ୧୭ ତାରିଖ ଦିନ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପରେ ସେ ପୁରୀରୁ ବାହାରି ୧୮ ତାରିଖ ଦିନ ସକାଳୁ ନିରାକାରପୁର- ରାମେଶ୍ୱର ଦେଇ ଆନ୍ଧ୍ର ପ୍ରଦେଶ ଆଡକୁ ଯାତ୍ରା କରିଛନ୍ତି। ସେଠାରେ ରାମେଶ୍ୱରମଙ୍କୁ ଦର୍ଶନ ସାରି ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିଦିନ ସେ ୧୦୦କି.ମି.ଦୂର ଯାତ୍ରା କରୁଛନ୍ତି।

## ଜିଲ୍ଲାସ୍ତରୀୟ ରେଡକ୍ରସ ଶିକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବାଲୁଗାଁ,୧୮।୧୧(ସମିସ) : ଯୁବ ରେଡକ୍ରସ ପକ୍ଷରୁ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ରେଡକ୍ରସ ଶିକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ଓ ସମ୍ମାନିତ ଅତିଥି ଭାବେ ରେଡକ୍ରସ ତାଲିମଦାତା ତ୍ରିନାଥ କୁମାର ପରିଡା ଯୋଗଦେଇ ଥିଲେ। ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ରବି ଶଙ୍କର ହୋତା ମଞ୍ଚ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଧୋବି ଚରଣ ପରିଡା ଅତିଥି ପରିଚୟ ଦେଇଥିଲେ। ଶିବିରରେ ତାଲିମଦାତା ଭାବେ ବି. ଗୋବିନ୍ଦ ରାଓ, ଲୋକନାଥ ମହାନ୍ତି, ଅଜୟ ତ୍ରିପାଠୀ, କୈଳାସ ଚନ୍ଦ୍ର ମହାରଣା, ଅନନ୍ତ ଚରଣ ଖଟେଇ, ସୁଦେଶ ସେଠି, ବବୁଲ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଶିବିରର ଶ୍ରେଷ୍ଠ ରେଡକ୍ରସ ପରାମର୍ଶଦାତା ଭାବେ ଅଧ୍ୟାପିକା ପୁଷ୍ପାଞ୍ଜଳି ନରେନ୍ଦ୍ର ଓ ଅଧ୍ୟାପକ ରବି ଶଙ୍କର ହୋତାଙ୍କ ସମେତ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଅମରେଶ ମହାପାତ୍ର ଓ ଚିନ୍ମୟୀ ତରାଇଙ୍କୁ ପୁରସ୍କୃତ କରାଯାଇଥିଲା।

## ଚିଲିକାରେ ଅତିଥି ପକ୍ଷୀ ଶିକାର
## ୪୪ଟି ମୃତ ପକ୍ଷୀ ଜବତ, ଶିକାରୀ ଗିରଫ

ବାଲୁଗାଁ/ଟାଙ୍ଗୀ, ୧୮।୧୧(ସମିସ) ; ନୀଳାମ୍ବୁ ଚିଲିକାରେ ଚଳିତ ବର୍ଷର ପ୍ରଥମ ବିଦେଶାଗତ ଅତିଥି ପକ୍ଷୀଙ୍କ ଅବାଧ ଶିକାର ହୋଇଛି। ୪୪ଟି ଅତିଥି ପକ୍ଷୀଙ୍କୁ ବିଷ ଦେଇ ମାରିଥିବା ୨ ଅଭିଯୁକ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଫେରାର ହୋଇଯାଇଥିବା ସ୍ଥଳେ ଅନ୍ୟ ଜଣକୁ ଗିରଫ କରି ତା' ନିକଟରୁ ସମସ୍ତ ୪୪ଟି ମୃତ ପକ୍ଷୀଙ୍କୁ ଜବତ କରିଛି ବନ୍ୟପ୍ରାଣୀ ବିଭାଗ। ଗିରଫ ଅଭିଯୁକ୍ତ ଜଣକ ଭୂଷଣ୍ଡପୁର ବଡସାହିର ପ୍ରଦୀପ ମଲ୍ଲିକ (୩୫) ହୋଇଥିବା ବେଳେ ଫେରାର ଅଭିଯୁକ୍ତ ଜଣକ ଭୂଷଣ୍ଡପୁର ବିଧାରପୁର ପାଟଣା ଗ୍ରାମର ଭାଲୁ ଭୋଳ (୩୮)। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ବନ୍ୟଜନ୍ତୁ ହତ୍ୟା ମାମଲାରେ ୱାଇଲଡ୍ ଲାଇଫ୍ ପ୍ରୋଟେକସନ ଆକ୍ଟ ୧୯୭୨ ଧାରାରେ ପକ୍ଷୀ ଶିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଚିଲିକା ହ୍ରଦର ଦୋଛିଆଁ ଓ ଦେଇପୁର ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟସ୍ଥ ବରପୋଲିଆ ଅଞ୍ଚଳରେ



ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ପକ୍ଷୀ ଶିକାର ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ ବେଳେ ଦୁଇ ଜଣ ୨ଟି ବ୍ୟାଗ ଧରି ଯାଉଥିବା ଦେଖି ସନ୍ଦେହରେ ଦୁଇ ଅଭିଯୁକ୍ତ ପ୍ରଦୀପ ଓ ଭାଲୁକୁ ଅଟକାଇବାରେ ଭାଲୁ ସେଠାରୁ ଫେରାର ହୋଇଯାଇଥିବା ବେଳେ ବନ୍ୟ କର୍ମଚାରୀ ପ୍ରଦୀପକୁ ଧରି ତଲାସିବାରେ ସେଠାରୁ ୨ଟି ବ୍ୟାଗରେ ରଖିଥିବା ୪୪ଗୋଟି ମୃତ ବିଦେଶାଗତ ପକ୍ଷୀ ଜବତ କରିଥିଲେ। ପ୍ରଦୀପ ଓ ଭାଲୁ ଦୁହେଁ ମାଛ ଧରିବା ବାହାନାରେ ଚିଲିକା ଭିତରକୁ ଯାଇ ପକ୍ଷୀ ଶିକାର କରିଥିବା ଜଣାପଡିଛି। ପ୍ରାଥମିକ ତଦନ୍ତ ତଥା ବ୍ୟବଚ୍ଛେଦରୁ ପକ୍ଷୀ ଗୁଡିକର ବିଷକ୍ରିୟାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଅଧିକ ଯାଞ୍ଚ ନିମନ୍ତେ ପକ୍ଷୀଙ୍କ ଟିସୁ ନମୁନା ଫରେନସିକ ଲାବୋରେଟୋରୀକୁ ପଠାଇ ବିଭାଗ ତଦନ୍ତ ଜାରି ରଖିଛି। ୪୪ଟି ମୃତ ବିଦେଶୀ ପକ୍ଷୀଗୁଡିକ ମଧ୍ୟରୁ ନର୍ଦନ ପିଣ୍ଟେଲ ୨୩ଟି, ନର୍ଦନ ଶୋଭଲର ୩ଟି, ଗାର୍ଗନେ ୯ଟି ଏବଂ ପିଜା ଟେଲଡ୍ ଜାକନା ୧ଟି ବୋଲି ଜଣା ପଡିଛି। ଚଢ଼ଉରେ ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟ ଗାର୍ଡ ଅନିଲ ପିଙ୍ଗୁଆ, ରାକେଶ ଲାହାଣ୍ଡିଆ, ସୁରକ୍ଷା ଦଳର ପ୍ରଦୀପ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

### ଓଡିଆର୍ଟରେ ଚିଲିକା ସେଲ୍‌ଡକ୍ ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବ

## ଶ୍ରୀଲଙ୍କାର କାଣ୍ଡିଆନ ନୃତ୍ୟରେ ଦର୍ଶକ ବିଭୋର

ବାଲୁଗାଁ,୧୮।୧୧(ସମିସ) : ବାଲୁଗାଁ ନିକଟ ବଡ଼କୁଳସ୍ଥିତ ଓଡିଆର୍ଟ ସେଣ୍ଟର ପରିସରରେ ଚାଲିଥିବା ୧୧ତମ ଚିଲିକା ସେଲ୍‌ଡକ୍ ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବ ମହାଆଡମ୍ବର ସହ ଚାଲିଛି। ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଶିଷ୍ଟ ନୃତ୍ୟ ଗୁରୁ ଶାଶ୍ୱତ ଯୋଶୀ ଓ ଗ୍ରୁପ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ଦର୍ଶକ ଭରପୁର ଉପଭୋଗ କରିଥିବା ବେଳେ ଉତ୍ସବର ତୃତୀୟ ସନ୍ଧ୍ୟାରେ ଶ୍ରୀଲଙ୍କାର କାଣ୍ଡିୟାନ ନୃତ୍ୟ ପରିବେଷଣରେ ଦର୍ଶକ ବିଭୋର




ହୋଇଥିଲେ। ତତସହିତ ଉତ୍ସବର ବିଭିନ୍ନ ଦିବସରେ ପାଇକ ନୃତ୍ୟ, ଦକ୍ଷିଣ କୋରିଆ ସମରକଳା, କେରଳ, ମଣିପୁରୀ, ମହାରାଷ୍ଟ୍ର ଗ୍ରୁପ ଓ ମୟୂରଭଞ୍ଜର ଛଉ ନୃତ୍ୟର ତାଳେ ତାଳେ ଦର୍ଶକ ବେଶ ଝୁମି ଥିଲେ। ଦିନତମାମ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ନେଇ କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଅପରାହ୍ନରେ ଆଞ୍ଚଳିକ ମହିଳା ଗୋଷ୍ଠୀଙ୍କୁ ନେଇ ହୁଳହୁଳି, ଶଙ୍ଖଧ୍ୱନି ଓ ପୁଚି ଖେଳ ସହ ଛାତ୍ରଙ୍କ ଦ୍ୱାରା ବିଭିନ୍ନ ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ୭୨ତମ ସମବାୟ ସପ୍ତାହ ଉଦ୍‌ଯାପିତ

# ସମବାୟର ମୂଳଲକ୍ଷ୍ୟ ଲୋକଙ୍କ ସାମାଜିକ, ଅର୍ଥନୈତିକ ବିକାଶ

ଖୋର୍ଦ୍ଧା, ୧୮।୧୧ (ସମିସ)




ଜିଲ୍ଲା ସମବାୟ ଉପନିବନ୍ଧକ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଉଦଯାପିତ ହୋଇଛି। କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଅଭିଷେକ ସିଂସାମନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ କିଶୋର ପଣ୍ଡା ଯୋଗଦେଇ ସମବାୟ କାର୍ଯ୍ୟରେ ସ୍ୱଚ୍ଛତା, ବିକାଶର ଧାରାକୁ ତୃଣମୂଳସ୍ତରରେ ଚାଷୀଙ୍କ ନିକଟରେ ପହଁଚାଇବାକୁ ପରାମର୍ଶ ଦେଇଥିଲେ। ସମବାୟ ସମିତି ସମୂହ ଉପନିବନ୍ଧକ ଅଲକାନନ୍ଦା ଜେନା, କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ସାରଥୀ ଶତପଥୀ, ସହକାରୀ ନିବନ୍ଧକ ଖୋର୍ଦ୍ଧା ଭାଗମତ ମାରାଣ୍ଡି, ସମବାୟ ସମୀକ୍ଷା ଅଧିକାରୀ ଖୋର୍ଦ୍ଧା ଭବାନୀ ଶଙ୍କର ପଶୁପାଳକ, ଭୁବନେଶ୍ୱର ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀୟା ଶାଶ୍ୱତୀ, ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଉପ ସଭାପତି ଜୟଶ୍ରୀ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଜିଲ୍ଲା ଯୋଗାଣ ଅଧିକାରୀ ଚାଷୀମାନଙ୍କୁ ସାର ବିହନ ତଥା ମଣ୍ଡିରେ ଧାନବିକ୍ରି ବାବଦରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥୀ ଶତପଥୀ କହିଥିଲେ, ସମବାୟର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ସାମାଜିକ, ଅର୍ଥନେତିକ ବିକାଶ। ଏହି ଅବସରରେ ଗତ ୧୪ ତାରିଖରେ ଗଣଦୌଡ ଏବଂ ୧୫ ତାରିଖରେ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ୧୨ଜଣ କନିଷ୍ଠ ଓ ବରିଷ୍ଠ ବିଭାଗ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୃଷି ଓ ଉଦ୍ୟାନ କୃଷିରେ ଜିଲ୍ଲାର ୩ ଜଣ ଅଗ୍ରଣୀ ଚାଷୀ/ ସର୍ବଶ୍ରେଷ୍ଠ ଉଦ୍ୟୋଗୀ, ସର୍ବଶ୍ରେଷ୍ଠ ୩ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଖୋର୍ଦ୍ଧା ଓ ଭୁବନେଶ୍ୱର ମଣ୍ଡଳରେ ଡାଲତୋଳା ପ୍ୟାକ୍ସ, ଗାରେଡିପାଂଚଣ ପ୍ୟାକ୍ସ, ଆର.ସି.ଏମ.ଏସ .ଭୁବନେଶ୍ୱର କୁ ଅଣକୃଷି ସମିତି ଭାବରେ ଟ୍ରଫିସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

ଜିଲ୍ଲା ସମବାୟ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ତପନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ବ୍ୟାଙ୍କର ଏ.ଜି.ଏମ. ସନ୍ଦୀପ ପଟ୍ଟନାୟକ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଉପସଭାପତି ଜୟଶ୍ରୀ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ନିର୍ବାଚିତ ନିର୍ଦ୍ଦେଶକ, ଅନେକ ସୋସାଇଟି ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

## ଟ୍ରିପଲ 'ଏ'ରେ ବାର୍ଷିକ କ୍ରୀଡ଼ାଦିବସ ଉଦ୍‌ଘାଟିତ




ଖୋର୍ଦ୍ଧା,୧୮।୧୧(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ପ୍ରିଂଟ ଫେଷ୍ଟ-୨୦୨୫ ମଙ୍ଗଳବାର ଉଦଘାଟିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବରେ ଜାତୀୟ ଓ ଆନ୍ତଃଜାତୀୟକ୍ରୀଡ଼ାର ଡିସ୍କସ୍ ଥ୍ରୋ ରେ ପୁରସ୍କୃତ ହରି ବେହେରା, ଅନ୍ୟତମ ଅତିଥିଭାବେ ସଟପୁଟର ଓମକାର ନନ୍ଦ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତ୍ୟବାଦୀ ବଳିଆରସିଂ ଯୋଗଦେଇଥିଲେ। କ୍ରୀଡ଼ା ମଶାଲ ବିଦ୍ୟାଳୟ ନିକଟସ୍ଥ ଶ୍ରୀ ରଘୁନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଡ୍ରିଲ, ନୃତ୍ୟ ଓ ପରେଡ ଆଦି ଅନେକ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି ପତାକା ହଲାଇ କ୍ରୀଡ଼ାରମ୍ଭ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ଓ ଇଶା ସଭାକାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ଆଦିତ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ମୁଖ୍ୟ ଚିରଞ୍ଜିତ ସିଠଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୭ ● ପାଉଣ୍ଡ ୧୧୬.୩୯
- ୟୁରୋ ୧୦୨.୯୩ ● ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୫,୯୬୦ (ନୂଆଦିଲ୍ଲୀ)
- ରୁପା : ୧,୬୬,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୪,୬୭୩.୦୦
- ନିଫ୍ଟି ୨୫,୯୧୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଆମେରିକା କୃଷି ଉତ୍ପାଦ ଲାଗି ବଜାର ଖୋଲିବ ଭାରତ

# ଶୁଳ୍କମୁକ୍ତ ହେଲା ମକା, ଦୁଗ୍ଧ, ସୋୟାବିନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଟାରିଫ୍‌କୁ ନେଇ ଶେଷରେ ଆମେରିକା ଆଗରେ ମୁଣ୍ଡ ନୁଇଁଲା ଭାରତ। ଟ୍ରମ୍ପ୍ ପ୍ରଶାସନ ଆଗରେ କୃଷି ଉତ୍ପାଦରେ ଶୁଳ୍କ ଲାଗୁ କ୍ଷେତ୍ରରେ ସାଲିସ୍ କଲା ଭାରତ। ଭାରତ ଏବେ ଆମେରିକା ପାଇଁ କୃଷି କ୍ଷେତ୍ରରେ ନିଜର ବଜାର ଖୋଲିଦେଇଛି। ଏହାଫଳରେ ଆମେରିକାରୁ ଭାରତ ଆସୁଥିବା ସୋୟାବିନ୍,ମକା ଏବଂ କିଛି ଦୁଗ୍ଧ ଉତ୍ପାଦ ଉପରେ ଆଉ ଶୁଳ୍କ ଲାଗୁ ହେବ ନାହିଁ। ଭାରତ ଏସବୁ ଉତ୍ପାଦ ଉପରୁ ଶୁଳ୍କ ହଟାଇଦେଇଛି।ଯଦିବା କୃଷିକ୍ଷେତ୍ରରେ ଟାରିଫ୍ ପ୍ରସଙ୍ଗରେ ଭାରତ ଆମେରିକା ଆଗରେ ମୁଣ୍ଡ ନୁଇଁବ ନାହିଁ ବୋଲି କେନ୍ଦ୍ର ସରକାର ବାରମ୍ବାର କହୁଥିଲେ, ଶେଷରେ ଏ କ୍ଷେତ୍ରରେ ଟ୍ରମ୍ପ୍‌ଙ୍କ ସହ ସାଲିସ୍ କରିଛନ୍ତି। ଏହାପରେ ଖୁବ୍‌ଶୀଘ୍ର ହେବ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାକୁ ନେଇ ବର୍ତ୍ତମାନ ସକାରାତ୍ମକ ସଙ୍କେତ ମିଳିବାରେ ଲାଗିଛି। ଅପରପକ୍ଷେ ଟାରିଫ୍‌କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାଣ ଭାଙ୍ଗିବାରେ ଲାଗିଛି। ଧୀରେ ଧୀରେ ନରମ ସ୍ୱଭାବ ଦେଖାଉଛନ୍ତି ଟ୍ରମ୍ପ୍।

ଚଳିତମାସ ଶେଷ ଭାଗରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ହେବା ନେଇ




ଆଶା କରାଯାଉଛି। ଏ ସମ୍ପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ, ରୁଷଠାରୁ ତୈଳ ଆମଦାନୀ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇସାରିଛି। ଏହାକୁ ଟ୍ରମ୍ପ୍ ମଧ୍ୟ ସ୍ୱୀକାର କରିସାରିଛନ୍ତି। ସେ କହିଛନ୍ତି ଯେ, ଭାରତ ଉପରେ ରୁଷଠାରୁ ତୈଳ ଆମଦାନୀ କ୍ଷେତ୍ରରେ ଲାଗୁ କରାଯାଇଥିବା ଦଣ୍ଡାତ୍ମକ ଶୁଳ୍କ ପ୍ରତ୍ୟାହାର କରିନିଆଯିବ। ଅପରପକ୍ଷେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାର ନିକଟତର। ଭାରତ-ଆମେରିକା ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୬ ପର୍ଯ୍ୟାୟ ଆଲୋଚନା ହୋଇସାରିଛି। ଚଳିତବର୍ଷ ଶେଷ ସୁଦ୍ଧା ଆଲୋଚନାର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ କ୍ଷେତ୍ରରେ ଜଟିଳ ପ୍ରସଙ୍ଗଗୁଡିକରେ ଆଲୋଚନା ଜାରି ରହିବ।


ରିପୋର୍ଟ ଅନୁଯାୟୀ, ଭାରତ ସୋୟାବିନ୍, ମକ୍କା ସମେତ କିଛି ଦୁଗ୍ଧ ଜାତୀୟ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ମୁକତ କରିବାକୁ ନିଜର ବଜାର ଆମେରିକା ପାଇଁ ଖୋଲିଦେବେ। ଦୁଇ ଦେଶ ବର୍ତ୍ତମାନ ଶୁଳ୍କ ଏବଂ କୃଷି ଉତ୍ପାଦ ଉପରେ ପାରସ୍ପରିକ ଶୁଳ୍କ ହାରକୁ ଅନ୍ତିମ ରୂପ ଦେବା ଉପରେ କାମ କରୁଛି। ଉଭୟ ପକ୍ଷ ଶୁଳ୍କ ମୁକ୍ତ ଏବଂ କମ୍ ଶୁଳ୍କ ଲାଗୁ ଥିବା ଆମଦାନୀ ପାଇଁ ଉତ୍ପାଦଗୁଡିକର ସୂଚୀ ସହ ଜଡିତ ଅଧିକାଂଶ ବାବାଦୀୟ ପ୍ରସଙ୍ଗର ସମାଧାନ କରିସାରିଛନ୍ତି। ନିକଟରେ ଭାରତ ପାଇଁ ନୂତନ ନିଯୁକ୍ତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଟ୍ରମ୍ପ୍ କହିଥିଲେ ଯେ, ଭାରତ ସହ ଆମେ ଏମିତି ଏକ ବୁଝାମଣା ଚୁକ୍ତି କରୁଛୁ ଯାହା ପୂର୍ବରୁ ହୋଇଥିବା ଚୁକ୍ତି ତୁଳନାରେ ଭିନ୍ନ ରହିବ। ରପୋର୍ଟ ଅନୁଯାୟୀ, ଭାରତ- ଆମେରିକା ଉଚ୍ଚ ସ୍ତରୀୟ ଆଲୋଚନାର ଲକ୍ଷ୍ୟ ଥିଲା କିଛି ଭାରତୀୟ ଉତ୍ପାଦର ରପ୍ତାନି ଉପରେ ୫୦% ଟାରଇଫ୍ ଲାଗିବା ପରେ ମଧ ବାଣିଜ୍ୟ ଉତ୍ତେଜନା ଶେଷ କରିବା।

ସୂଚନାଯୋଗ୍ୟ ଯେ, ଟ୍ରମ୍ପ୍ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

# ବିଶ୍ୱବ୍ୟାପୀ କ୍ଲାଉଡ୍‌ଫ୍ଲେୟାର ଡାଉନ୍

## କାମ କରୁନି ଓପନ୍‌ଏଆଇ, ଚାର୍ଟଜିପିଟି, ପରପ୍ଲେକ୍ସିଟି ଓ ଏକ୍ସ ୱେବସାଇଟ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ସାରା ବିଶ୍ୱରେ କ୍ଲାଉଡ୍‌ଫ୍ଲେୟାର ଡାଉନ ହେବା ପରେ କମ୍ପାନୀର ନେଟୱାର୍କ ଉପରେ ନିର୍ଭର କରୁଥିବା ହଜାର ହଜାର ୱେବସାଇଟ୍ ଆଜି ଡାଉନ୍ ହୋଇଯାଇଛି। ଘଟଣା ସମ୍ପର୍କରେ ଏବେ କମ୍ପାନୀ ଗ୍ରାହକମାନଙ୍କୁ ଅବଗତ କରାଇଛି। ଏ ନେଇ କମ୍ପାନୀ କହିଛି ଯେ, ସେ କ୍ଲାଉଡଫ୍ଲେୟାର ସମସ୍ୟା ବିଷୟରେ




ଅବଗତ ଅଛି ଏବଂ ଏହା ଉପରେ ତଦନ୍ତ କରୁଛି। ଏହା ବିଶ୍ୱରେ ବହୁ ସହଖ୍ୟାରେ ଗ୍ରାହକଙ୍କୁ ପ୍ରଭାବିତ କରୁଛି। ବ୍ୟାପକ ୫୦୦ ଏରର, କ୍ଲାଉଡଫ୍ଲେୟାର ଡ୍ୟାସବୋର୍ଡ ଏବଂ ଏପିଆଇ ମଧ ଫେଲ୍ ହୋଇଛି। ଆମେ ଏହାର ପୂର୍ଣ୍ଣ ପ୍ରଭାବ ବୁଝିବା ସହ ସମସ୍ୟାକୁ ହ୍ରାସ କରିବା ପାଇଁ କାମ କରୁଛୁ। ଅଧିକ ଅପଡେଟ୍ ଖୁବ୍ ଶୀଘ୍ର ଆସିବ ବୋଲଇ କମ୍ପାନୀ କହିଛି। କ୍ଲାଉଡଫ୍ଲେୟାର ଡାଉନ ହେବା ପରେ ଏହାସହିତ ଜଡ଼ିତ ୱେବସାଇଟ୍ ମଧ୍ୟରେ ଏକ୍ସ (ପୂର୍ବର ଟ୍ୱିଟର), ଓପନ୍‌ଏଆଇ/ ଚାର୍ଟଜିପିଟି, ଲିଗ୍ ଅଫ୍ ଲିଜେଣ୍ଡସ, ସ୍ପର୍ଟିଫାଏ, କାନ୍‌ଭା, ପରପ୍ଲେକ୍ସିଟି, ଜେମିନି, ଗ୍ରୀଣ୍ଡର ଏବଂ ଲେଟରବକ୍ସଡି ଆଦି ଡାଉନ ହୋଇଯାଇଛି। କ୍ଲାଉଡ୍‌ଫ୍ଲେୟାର ବିଭ୍ରାଟ ଯୋଗୁ ପ୍ରଭାବିତ ହୋଇଥିବା ସାଇଟ୍ ତାଲିକାରେ ଲୋକପ୍ରିୟ ଡିଜାଇନିଂ ପ୍ଲାଟଫର୍ମ କାନ୍‌ଭା ମଧ ରହିଛି। ଡାଉନ୍‌ଡିଟେକ୍ଟର ଅନୁଯାୟୀ,ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ସନ୍ଧ୍ୟା ୫ଟା ୯ ସୁଦ୍ଧା ସର୍ବାଧିକ ଥିଲା, ୧୧,୦୦୦ରୁ ଅଧିକ ସମସ୍ୟା ନେଇ ରିପୋର୍ଟ କରିଛି। ଏଥିଯୋଗୁ ୭୫ ହଜାର ୱେବସାଇଟ ଡାଉନ୍ ରହିଛି।

# ‘ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ’

## କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ନବ ନିର୍ବାଚିତ ପଦାଧିକାରୀଙ୍କୁ ନିୟୁକ୍ତି




ଭୁବନେଶ୍ୱର,୧୮।୧୧(ସମିସ) : ଭାରତୀୟ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏସନ୍ସ (କ୍ରେଡାଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଚଳିତ ନଭେମ୍ବର ୧୮ରେ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆଗାମୀ କାର୍ଯ୍ୟକାଳ ପାଇଁ ଏହାର ନବ ନିର୍ବାଚିତ ପଦାଧିକାରୀଙ୍କୁ ସଫଳ ଭାବରେ ନିଯୁକ୍ତି ଦେଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ , ଆମେ ସରକାରକୁ ଆସିଲାବେଳେ ଅନେକ ସମସ୍ୟା ଜଡ଼ିତ ଥିଲା। ଏସବୁର ସମାଧାନ ସମ୍ପୂର୍ଣ୍ଣ ରୂପେ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ତତ୍ପର। ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମି ଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ। ସେ ରାଜ୍ୟର ସହରାଞ୍ଚଳ ବିକାଶରେ କ୍ରେଡାଇର ଭୂମିକାକୁ ପ୍ରଶଂସା କରିବା ସହ ଐତିହ୍ୟ ସମସ୍ୟାର ସମାଧାନ, ଅନୁମୋଦନକୁ ସୁଗମ କରିବା ଏବଂ ନୈତିକ ରିଅଲ ଇଷ୍ଟେଟ୍ ଅଭ୍ୟାସ ପାଇଁ ଏକ ଅନୁକୂଳ ପରିବେଶ ପ୍ରୋତ୍ସାହିତ କରିବାରେ ସରକାରୀ ସମର୍ଥନ ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଶେଖ ମୈରାଜୁଲ ହକ୍ କ୍ରେଡାଇ ଭୁବନେଶ୍ୱରର ନୂତନ ସଭାପତି ଭାବରେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ନବ ନିର୍ବାଚିତ ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶରତ କୁମାର ସାହୁ, ମନୋଜ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ସୌଭାଗ୍ୟ ସୁନ୍ଦର ରାଉତରାୟ , ନାଭାଲ ମହାଜନ ଏବଂ କୋଷାଧ୍ୟକ୍ଷ ମନମୋହନ ଅଗ୍ରୱାଲା ପ୍ରମୁଖ ରହିଛନ୍ତି। ପରିଚାଳନା କମିଟିରେ ଅନ୍ତର୍ଭୁକ୍ତ ଅନ୍ୟ ବିଶିଷ୍ଟ ସଦସ୍ୟଙ୍କ ମଧ୍ୟରେ ଶଶି ଶେଖର ଗଡ଼ବାବୁ, ଅଭୟ କୁମାର ପଣ୍ଡା, ଆଦିତ୍ୟ ଦାସ, ମାନସ କୁମାର ବେହେରା ଏବଂ ଅଶ୍ୱିନୀ କୁମାର ପାଢ଼ୀ ରହିଛନ୍ତି। ବରିଷ୍ଠ ନେତା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କ୍ରେଡାଇ ଓଡ଼ିଶାର ପ୍ରତିଷ୍ଠାତା ସଦସ୍ୟ ମଧୁ ମହାନ୍ତି ଶପଥ ପାଠ କରାଇଥିଲେ। ନବନିର୍ବାଚିତ ସଭାପତି ଶେଖ୍ ମୈରାଜୁଲ୍ ହକ୍ ତାଙ୍କର ଦୃଷ୍ଟିକୋଣ ଏବଂ ଭବିଷ୍ୟତ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ, ସରକାରଙ୍କ ସହିତ ସହଯୋଗ, ରେରା ନିର୍ଦ୍ଦେଶାବଳୀ ପାଳନ ଏବଂ ଅଂଚଳରେ ସୁଲଭ ଏବଂ ସ୍ଥାୟୀ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନିର୍ବାଚିତ ସଭାପତି ଉମାଶଙ୍କର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ (ଏକାମ୍ର, ଭୁବନେଶ୍ୱର) ଏବଂ ବିଧାୟିକା ସୋଫିଆ ଫିରଦୌସ (ବାରବାଟୀ-କଟକ) ଯୋଗଦେଇଥିଲେ। ଏଥିରେ କ୍ରେଡାଇ ଭୁବନେଶ୍ୱରର ସଭାପତି କହିଛନ୍ତି, ଆମେ ସରକାର ଏବଂ ସମସ୍ତ ଅଂଶୀଦାରଙ୍କ ସହିତ ଘନିଷ୍ଠ ଭାବରେ କାମ କରି ଭୁବନେଶ୍ୱର ଏବଂ ଓଡ଼ିଶାକୁ ସ୍ୱଚ୍ଛ, କ୍ରେତା-ଅନୁକୂଳ ଏବଂ ସ୍ଥାୟୀ ରିଅଲ୍ ଇଷ୍ଟେଟ୍ ବିକାଶ ପାଇଁ ଏକ ମଡେଲ୍ କରିବା ପାଇଁ ପ୍ରତିବଦ୍ଧ।

## ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ପାଇଁ ମିଳିବ ଫସଲ କ୍ଷତି କ୍ଷତିପୂରଣ

# କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁମୋଦନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିଓ୍ୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି।

ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ ‘ଆଡ୍-ଅନ୍ କଭର’ ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକଧି



ପ୍ରଭାବିତ ଜିଲ୍ଲା ଜି /ବୀମା ୟୁନିଟଗୁଡ଼ିଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସକ୍ଷ କ୍ଷତି ସୂଚସୂ ନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍‌ରେ ଜିଓ –ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ। ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁଗୁରୁତ୍ୱପୂର୍ଣ୍ଣପୂ ର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିଓ୍ୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି। ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ। ହାତୀ, ଜଙ୍ଗଲି ଘୁଷୁରୀ , ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ, ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥାନ୍ତି। ଏ ପର୍ଯ୍ୟନ୍ତ ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନ ଥିଲା , ଯାହାଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥାନ୍ତି।

# ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫

ଭୁବନେଶ୍ୱର, ୧୮ ।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ‘ଓଡ଼ିଶା ପାଭିଲିୟନ୍’ ରାଜ୍ୟରେ ବାଣିଜ୍ୟ ସମ୍ଭାବନା ଓ ବାଣିଜ୍ୟିକ ବାତାବରଣର ବାର୍ତ୍ତା ବାଣ୍ଟୁଛି। ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡିଶାର କୃଷିଜାତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆକର୍ଷିତ କରୁଛି। ଓଡିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଣ୍ଟସ




ପକ୍ଷରୁ ତ୍ରିପୁରା ଶିଳ୍ପ ବିଭାଗ, ହରିୟାନାର ଅରିହନ୍ତ ପେଣ୍ଟସ, ନୂଆଦିଲ୍ଲୀର ଏ.ଏଲ୍. ଏମ୍. ଏଣ୍ଟରପ୍ରାଇଜେସ ଓ ଆର.କେ. ଜି.ଡି. ଏଣ୍ଟରପ୍ରାଇଜେସ ସହିତ ବାର୍ତ୍ତାଳାପ କରାଯାଇଛି। ସେହିପରି ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବହୁ ରାଜ୍ୟ ବ୍ୟବସାୟିକ ଆଲୋଚନା କରିଛନ୍ତି। ଧାନ, କଳାକୃତି, ସଉରା ଓ ଗଣ୍ଡ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିଭାଗ ତରଫରୁ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁଦୃଶ୍ୟ ସାମଗ୍ରୀ ମଧ୍ୟ ବାଣିଜ୍ୟ ମେଳାରେ ସ୍ଥାନ ପାଇଛି। ଏହି ବାଣିଜ୍ୟ ମେଳା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି କେନ୍ଦ୍ର

ଭୁବନେଶ୍ୱର,୧୮।୧୧(ସମିସ): ଅନ୍ତର୍ଜାତୀୟ ମାନର ଫର୍ଟିଲିଟି ଚିକିତ୍ସା ସୁବିଧାଥିବା ଫର୍ଟିଲିଟି ଚେନ ନୋଭା ଆଇଭିଏଫ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟର ଶୁଭାରମ୍ଭ କରିଛି। ଏହି ସେଣ୍ଟରରେ ଆଡଭାନ୍ସଡ ଇଲେକ୍ଟ୍ରୋନିକ ୱିଟ୍‌ନେସିଙ୍ଗ ସିଷ୍ଟମ ଓ ଆର୍ଟିଫିସିଆଲ ଇନଟେଲିଜେନ୍ସ ସକ୍ଷମ ଟେକ୍ନୋଲୋଜିଗୁଡ଼ିକ ସହିତ ଶୁଭାରମ୍ଭ ହୋଇଛି। ଉଭୟ ଟିୟର ୧ ଓ ଟିୟର ୨ ସହର ଗୁଡିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି




ପାଉଥିବାବେଳେ ଏହି ଫର୍ଟିଲିଟି ଚେନର ୪୦ ପ୍ରତିଶତ ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏସମ୍ପର୍କରେ ନୋଭା ଆଇଭିଏଫ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର ଡ. ରୋହିତ ଗୁଟ୍‌ଗୁଟିଆ କହିଛନ୍ତି ସଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଂଟେଲିଜେନ୍ସକୁ ବ୍ୟବହାର କରାହେଉଛି। ଭୁବନେଶ୍ୱର ସେଣ୍ଟରର ଶୁଭାରମ୍ଭରେ ଫର୍ଟିଲିଟି ବିଶେଷଜ୍ଞମାନେ ବର୍ତମାନେ ପ୍ରଚଳିତ ଆଞ୍ଚଳିକ ଟ୍ରେଣ୍ଡଗୁଡିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ ଡ. ଗାୟତ୍ରୀ ଶତପଥୀ କହିଛନ୍ତି ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି ଷ୍ଟେଟ-ଅଫ୍-ଦ–ଆର୍ଟ ଲାବ୍ରୋଟେରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ଏଆଇ ଏମ୍ବ୍ରୋ ସିଲେକ୍ସନ, ଇଲେକ୍‌ଟ୍ରୋନିକ ୱିଟନେସିଙ୍ଗ ସିଷ୍ଟମ ଓ ଆନ୍ତର୍ଜାତୀୟ ପ୍ରୋଟୋକଲଗୁଡିକର ଅନୁପାଳନ ସହିତ ଏକ ସୁବ୍ୟବସ୍ଥିତ କେନ୍ଦ୍ରରେ ବିସ୍ତୃତ ଫର୍ଟିଲିଟି ଚିକିତ୍ସା ପ୍ରଦାନ କରିବ। ଏହାର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆର୍‌କମ୍ ଜାଲିଆତି ମାମଲା; ଯାଞ୍ଚକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କେନ୍ଦ୍ର-ଇଡି-ସିବିଆଇ ଓ ଅନିଲ ଅମ୍ବାନୀଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର, ସିବିଆଇ, ଇଡି, ଅନିଲ ଅମ୍ବାନୀ ଏବଂ ଅନ୍ୟ କିଛି ଲୋକଙ୍କୁ ସୁପ୍ରିମକୋର୍ଟ ଦେଇଛନ୍ତି ନୋଟିସ୍। ଏହି ନୋଟିସ୍ ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍), ଅନିଲ ଧୀରୁଭାଇ ଅମ୍ବାନୀ (ଏଡିଏ) ଗ୍ରୁପର ଅନ୍ୟ କମ୍ପାନୀ ଏବଂ ପ୍ରମୋଟର ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଆସିଥିବା ବ୍ୟାଙ୍କିଙ୍ଗ ଏବଂ କର୍ପୋରେଟ୍ ଠକେଇ ଅଭିଯୋଗ ସହ ଜଡ଼ିତ। ପ୍ରକୃତରେ ଏହି ମାମଲାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହେଉ ବୋଲି ଏକ ପିଆଇଏଲ୍ ଆବେଦନ ହୋଇଥିଲା। ଯାହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନୋଟିସ ଜାରି କରିଛନ୍ତି।

ସୂଚନା ଅନୁସାରେ, ପୂର୍ବତନ କେନ୍ଦ୍ର ସଚିବ ଇ.ଏ.ଏସ ଶର୍ମାଙ୍କ ଦ୍ୱାରା ଦାୟର ପିଆଇଏଲ୍ ଉପରେ ଶୁଣାଣି କରି କୋର୍ଟ ମଙ୍ଗଳବାର ଏହି ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ବି.ଆର. ଗଓ୍ୱାଇ ଏବଂ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ପିଆଇଏଲ୍ ଉପରେ ଶୁଣାଣି କରି ସମସ୍ତଙ୍କୁ ତିନି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଦୁର୍ନୀତିର ପରିମାଣ ଏତେ ଥିଲେ ବି ସିବିଆଇ ଓ ଇଡି, ବ୍ୟାଙ୍କ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସଲାସୁତୁରାର ଯାଞ୍ଚ କରୁନାହାଁନ୍ତି। ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ବ୍ୟାଙ୍କ ଏବଂ ଅଧିକାରୀଙ୍କ ବିରୁଦ୍ଧରେ କ’ଣ ତଦନ୍ତ ଚାଲିଛି ତାହାର ଏକ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦିଅନ୍ତୁ। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଏଡିଏ ଗ୍ରୁପ୍‌ରେ ଥିବା ଅନେକ କମ୍ପାନୀ ସାଧାରଣ ଲୋକଙ୍କ ଟଙ୍କାକୁ ବିଭିନ୍ନ ଉପାୟରେ ଅପବ୍ୟବହାର କରିଥିଲେ। ମିଥ୍ୟା ବାଲାନ୍ସ ସିଟ୍ ପ୍ରସ୍ତୁତ କରିଥିଲେ। ଆଉ ଏସବୁ ବ୍ୟାଙ୍କ ଏବଂ ବ୍ୟାଙ୍କ୍ ଅଧିକାରୀଙ୍କ ସହମତିରେ ହୋଇଥିଲା। ସିବିଆଇ ଅଗଷ୍ଟ ୨୧ର ଏକ ଏଫଆଇଆର ରୁଜୁ କରିଥିଲା। ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଇଡିରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଏହି ଦୁର୍ନୀତିର ଏକ ଛୋଟ ଅଂଶ। ଫୋରେନସିକ୍ ଅଡିଟ୍ରେ ଅନେକ ଗୁରୁତର ଅନିୟମିତତା ଧରାପଡ଼ିଛି। ବମ୍ବେ ହାଇକୋର୍ଟ ପୂର୍ବରୁ ହିଁ ଏକ ରାୟରେ ସମସ୍ତ ଠକେଇ ଏବଂ ପାଣ୍ଠିର ଅପବ୍ୟବହାର କଥା ପ୍ରମାଣିତ କରିସାରିଛନ୍ତି।

# ଆପୋଲୋ ଟାୟାର୍ସ-କିଟ୍ ସହଭାଗିତା

ଭୁବନେଶ୍ୱର,୧୮।୧୧(ସମିସ): ଆପୋଲୋ ଟାୟାର୍ସ ଲିମିଟେଡ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍), ଭୁବନେଶ୍ୱର ପକ୍ଷରୁ ଆଜି ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଟାୟାର ଟେକ୍ନୋଲୋଜି ଉପରେ ଏକ ସ୍ୱତନ୍ତ୍ର ଇଲେକ୍ଟିଭ / ମଡ୍ୟୁଲର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଥମ ଧରଣର ରଣନୈତିକ ସହଭାଗିତା ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଭାରତରେ ଏଭଳି ଐତିହାସିକ ସହଭାଗିତା କରାଯାଇଛି, ଯେଉଁଠାରେ ଏକ ଟାୟାର ନିର୍ମାତା ଓ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ଟାୟାର ସାଇନ୍ସ, ଡିଜାଇନ ଓ ଉତ୍ପାଦନ ପ୍ରକ୍ରିୟାକୁ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଏକୀକୃତ କରିବା ପାଇଁ ଏକାଠି ହୋଇଛନ୍ତି। ଏହି ସହଭାଗିତା ଅଧିନରେ ଆପୋଲୋ ଟାୟାର୍ସ ଲିଃ ପାଠ୍ୟକ୍ରମ ପାଇଁ ଶିକ୍ଷାନୁଷ୍ଠାନ ବିଷୟବସ୍ତୁକୁ ନୂଆ ରୂପ ଦେବା କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହି ସହଭାଗିତା ଅବସରରେ କିଟ୍, କିସ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର (ଡଃ) ଅଚ୍ୟୁତ ସାମନ୍ତ, ଆପୋଲୋ ଟାୟାର୍ସ ଲିଃର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଆର ମହାଲକ୍ଷ୍ମୀ ଏବଂ ସମ୍ପର୍କରେ କିଟ୍-ଡିୟୁର ଭାଇସ ଚାନ୍ସେଲର ପ୍ରଫେସର (ଡଃ) ସରଞ୍ଜିତ ସିଂହ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ୍ ଅଫ୍




ମେକାନିକାଲ୍ ଇଞ୍ଜିନିୟରିଂର ଡିନ୍ ଡା. ବି. ସୁରେଖା, ପ୍ରଫେସର ପି. ଚନ୍ଦ୍ର ଶେଖର, ଆସୋସିଏଟ ଡିନ୍ ଆଇ, ସ୍କୁଲ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂ, କିଟ୍‌ଡିୟୁ ପ୍ରଶାନ୍ତ କୁମାର ଏସ୍,ଉତ୍ପାଦ ବିକାଶ ମୁଖ୍ୟ ସିଭି ଟିବିଆର, ରୀମା ଶର୍ମା, ବିଭାଗୀୟ ମୁଖ୍ୟ ଏଚଆରବିପି ବାଣିଜ୍ୟିକ, ଆଇଏସଏସଇଏ, ଶ୍ରୀଯୁକ୍ତ ଅନିତ ଚାକୁ, ମୁଖ୍ୟ ଏଫଟିଏସ, ଆଇଏସଏସଇଏ, ଆପୋଲୋ ଟାୟର୍ସ, ଏବଂ ଡା. ଶିର୍ସେନ୍ଦୁ ବାନାର୍ଜୀ, ଆସୋସିଏଟ ଡିନ୍, ଇଣ୍ଡଷ୍ଟ୍ରିଆଲ୍ ଏଙ୍ଗେଜମେଂଟସ୍, କିଟ୍‌ଡିୟୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷର ସେଣ୍ଟ ପିଟର୍ସବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮ - ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮ - ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୫୨- ସ୍ପେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

# ଲୌହ ମାନବୀ ଇନ୍ଦିରା



ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ । ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ । ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ । ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚ୍ଚୋଟ ଓ ନିର୍ଭୀକା ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ । ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା । ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲ୍ୟୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ରେ 'ବ୍ୟାଙ୍କ୍ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

# 'ତେରେ ଇସ୍କ ମେଁ' ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ । ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

# ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ । ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର । ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି । ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ ।



# ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି

**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢ଼ୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।


ସେହିପରି ଜେନରସନ ଆଲ୍‌ଫ ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

# ସମ୍ଭାବନା



## ଡିଗ୍ରୀ ନୁହେଁ, ସଫଳତାର ଆଧାର




**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢ଼ୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡ଼ୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।

**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡ଼ୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

# ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**




- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ଫୁର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

# ସମାଲୋଚକଙ୍କ ସହ କିଭଳି ଆଲୋଚନା

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚକଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



## ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି । ଘରୋଇ ଓଡ଼ିଶା ପକ୍ଷରୁ ୪୬୫

### ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି । ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି । ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ । ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି । ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି ।

### ୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା । ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା । ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟାସରେ ଖେଳିଥିଲେ । ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ । ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା । ତେବେ ଦଳୀୟ





ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ । ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ । ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ । ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ । ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା । ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା । ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ । ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି । ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା । ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ । କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା । ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ । ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା । ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ । ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ । ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

■ ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ

## ମିର୍ଜାଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଭାରତ ଓ ପାକିସ୍ତାନ ଗ୍ରୁପ୍-ଏ'ରୁ ଏଠାରେ ଚାଲିଥିବା ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପାକିସ୍ତାନ ଗ୍ରୁପ୍‌ରେ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ ସେମିକୁ ଯାଇଥିଲା । ଅନ୍ୟପକ୍ଷରେ ମଙ୍ଗଳବାର ଓମାନକୁ ୬ ୱିକେଟରେ ହରାଇ ଭାରତ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ଗ୍ରୁପ୍-ବି'ର ଲିଗ୍ ମ୍ୟାଚ୍ ପରେ ସେମିରେ କିଏ କାହା ସହ ଖେଳିବ ତାହା ଜଣାପଡ଼ିବ । ଆଜି ଅନୁଷ୍ଠିତ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ୭ ୱିକେଟରେ ୧୩୫ ରନ୍ କରିଥିଲା । ଜବାବରେ ଭାରତ ୧୭.୫ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା । ଦଳ ପକ୍ଷରୁ ହର୍ଷ ଦୁବେ ସର୍ବାଧିକ ୫୩ଅ, ନମନ ଧୀର ୩୦ ଓ ନେହାଲ ୱାଧେରା ୨୩ ରନ୍ କରିଥିଲେ ।

## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି । ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟାରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି । କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି । ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି । ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକ୍ସି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି ।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି । ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତା ମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ । କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି । ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି ।

● କୁଚ୍ ବିହାର ଟ୍ରଫି କ୍ରିକେଟ

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହାରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା । ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା । ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା ।

## ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ

# ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ


ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୮ଟି



ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି । ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ । ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି । ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି । ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା । ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ । ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ ।

## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ର୍‍ୟାଙ୍କିଂ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି । ପଟିଆ



ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ସିନିଅର ର୍‍ୟାଙ୍କିଂ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି । ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୫୨୧୬୨୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୭୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS